5. Diploma in Engineering (Civil) pass certificate wherever applicable.
6. Degree in Civil Engineering pass certificate issued by the recognized University/ Institution recognized by the Government.
7. Mark lists of all semesters in support of Degree/Diploma in Civil Engineering passed including fail marks, if any, issued by the concerned Council/University.
8. Certificate showing valid GATE score in Civil Engineering.
9. "No Objection Certificate" from the Head of Office/Head of the Department in case of Government servant wherever applicable.
10. Service Certificate in case of candidates claiming age relaxation as Jr. Engineers wherever applicable.
11. Caste Certificate by birth in support of claim as SC/ST, wherever applicable (Please see and refer NOTE-2 of Para-9 of the advertisement) issued within 26.02.2024;
12. SEBC Certificate issued within 27.02.2021 to 26.02.2024 wherever applicable.
13. Permanent Disability Certificate (indicating percentage of permanent disability) issued by the concerned Medical Board within 26.02.2024, wherever applicable.
14. Release certificate of Ex-servicemen issued within 26.02.2024 as per Orissa Ex-servicemen (Recruitment to State Civil Services and Posts) Rules, 1985 vide G.A. Department Notification No. 22856-Gen., Dt.16.10.1985 wherever applicable.
15. Sports Identity Card issued by Director of Sports, Odisha within 26.02.2024.
16. Any proof of Identity.
17. Attestation form duly filled-in by the candidate and signed by a Gazetted Officer with seal (to be downloaded from the website of the Commission).
18. Bio-data Form (CIF) (to be downloaded and pasted/affixed with passport size photograph) duly filled in.
19. Any other relevant documents as per Para - 09 of the Advertisement.

**OIPR-12002/11/0052/2425** **Sd./ - Secretary (I/C)**

# ୪ର୍ଥ ଦିନରେ ଆଡ଼ପମଣ୍ଡପକୁ ବିଜେ ହେଲେ ଶ୍ରୀବଳଦେବଜୀଉ

- ଅନ୍ନ ବଦଳରେ ରଥରେ ରହି ଚୁଡ଼ା ଖାଇବାକୁ ପଡ଼ିଲା
- ରଥଯାତ୍ରା ପରିଚାଳନାକୁ ନେଇ ତେଜୁଛି ଅସନ୍ତୋଷ
- ରଥର ଫିଟନେସ ପ୍ରମାଣପତ୍ରକୁ ନେଇ ଉଠିଲା ପ୍ରଶ୍ନ

କେନ୍ଦ୍ରାପଡ଼ା, ୧୦।୭ (ଜଗନ୍ନାଥ ଧଳ)

ରଥଯାତ୍ରା ଆରମ୍ଭର ଚତୁର୍ଥ ଦିନରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ମାଉସୀ ମା’ ମନ୍ଦିରରେ ବୁଧବାର ପହଞ୍ଚିଛି। ଅପରାହ୍ନ ପ୍ରାୟ ୩ଟାରେ ଏହି ରଥ ପହଞ୍ଚିବା ପରେ ଶ୍ରଦ୍ଧାଳୁ ଆଶ୍ୱସ୍ତ ହୋଇଛନ୍ତି। ଖୁସିରେ ନାଚିବା ସହ ହରିବୋଲ ହୁଳହୁଳିରେ ରଥ ଚକଡ଼ା ପ୍ରକମ୍ପିତ ହୋଇଥିଲା। ଡାହୁକ ପାରମ୍ପରିକ ଭାବେ ମିଠା ବାଣ୍ଟିଛନ୍ତି। ତେବେ ଡାହୁକଙ୍କର ଏହି ମିଠା ବଣ୍ଟା କାର୍ଯ୍ୟକ୍ରମ ଗୋଟିଏ ଦିନ ଅଧିକ ଗଡ଼ିଯାଇଛି। ମଙ୍ଗଳବାର ରାତି ୯ଟାରେ ଶ୍ରୀଜୀଉ ଆଡ଼ପ ମଣ୍ଡପରେ ବିଜେ କରିଥାନ୍ତେ। ବୁଧବାର ମଧ୍ୟାହ୍ନରେ ଅନ୍ନଭୋଗ ହୋଇଥାନ୍ତା। ମାତ୍ର ରଥ ନିର୍ମାଣ ଓ ପରିଚାଳନାରେ ତ୍ରୁଟି ଯୋଗୁ ଗତ ରାତିରେ ଶ୍ରୀଜୀଉମାନେ ଆଡ଼ପ ମଣ୍ଡପ ବିଜେ ହୋଇପାରି ନ ଥିଲେ। ଫଳରେ ଅନ୍ନଭୋଗ ପରିବର୍ତ୍ତେ ଶ୍ରୀଜୀଉ ରଥରେ ଚୁଡ଼ା ଭୋଗ ଖାଇ ରହିବାକୁ ପଡିଥିଲା। ଏହାକୁ ନେଇ ଏବେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରଥ ପରିଚାଳନା ନେଇ ଥିବା ଅସନ୍ତୋଷ ଓ ରୋଷକୁ ନିର୍ମାଣଗତ ତ୍ରୁଟି କହି ଟ୍ରଷ୍ଟ ବୋର୍ଡ ଓ ପ୍ରଶାସନିକ ଅଧିକାରୀ ଆଡ଼େଇଯାଉଛନ୍ତି। ମାତ୍ର ରଥ ନିର୍ମାଣ ଓ ଫିଟ୍‌ନେସ୍ ପ୍ରମାଣପତ୍ର ପ୍ରଦାନ ପୂର୍ତ୍ତ ବିଭାଗ ଅଧୀନ। ଗତ ୪ଦିନ ଧରି ରଥ ଅବ୍ୟବସ୍ଥାରେ ଚାଲିଥିଲେ ମଧ ପ୍ରମାଣପତ୍ର ଟ୍ରଷ୍ଟ ବୋର୍ଡ ନିକଟରେ ପହଞ୍ଚି ନାହିଁ। ଜିଲା ପ୍ରଶାସନର ଏପରି ଖାମଖିଆଲ ମନୋଭାବକୁ ଶ୍ରଦ୍ଧାଳୁମାନେ ନାପସନ୍ଦ କରିଛନ୍ତି। ଧାର୍ମିକ ଭାବନା ଓ ଆସ୍ଥା ପ୍ରତି ଖେଳ ହୋଇଥିବା ଅଭିଯୋଗକରି ଏହାର ତଦନ୍ତ ଦାବି କରିଛନ୍ତି।

ଏ ସମ୍ପର୍କରେ ଶ୍ରଦ୍ଧାଳୁ ଆଇନଜୀବୀ ମମତାମୟୀ ସାମଲ କହିଛନ୍ତି, ରଥଟଣା ଆରମ୍ଭରୁ ବୁଧବାର ପର୍ଯ୍ୟନ୍ତ ରହିଆସିଛ। ପ୍ରଥମ ଦିନ ସନ୍ଧ୍ୟା ହୋଇଯିବାରୁ ରଥଟଣା ଯାଇ ପାରି ନ ଥିଲା। ତେବେ ଏହିଦିନ ଅନ୍ୟୂନ୍ୟ ୧୦୦ ମିଟର ରଥ ଗଡ଼ିବା ପାଇଁ


ମାଉସୀ ମା’ ମନ୍ଦିର ଚକଡ଼ାରେ ଲାଗିଲା ବ୍ରହ୍ମ ତାଳଧ୍ୱଜ ରଥ ।

ପୂର୍ବ ପରମ୍ପରା ରହି ଆସିଛି। ପର ୨ଦିନ ରଥ ବାମ ମୋଡ଼ ନେବାରୁ ମାଉସୀ ମା’ ମନ୍ଦିରରେ ପହଞ୍ଚିବାରେ ବ୍ୟାଘାତ ସୃଷ୍ଟି ହୋଇଛି। ଶ୍ରୀଜୀଉଙ୍କ ଆଡ଼ପ ମଣ୍ଡପ ବିଜେ ଦର୍ଶନରୁ ୨ଦିନ ଶ୍ରଦ୍ଧାଳୁଙ୍କୁ ବଞ୍ଚିତ କରାଯାଇଛି। ଏହା କେଉଁ କାରଣରୁ ହେଲା, ତାହାର ପ୍ରଶାସନିକ ତଦନ୍ତ କରାଯାଉ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଶ୍ରଦ୍ଧାଳୁ ଚିତ୍ତରଞ୍ଜନ ସାହୁ କହିଛନ୍ତି, ଅନ୍ନଭୋଜନ ବଦଳରେ ୩ ଦିନ ଧରି ଶ୍ରୀଜୀଉଙ୍କୁ ଚୁଡ଼ା ଭୋଗ ଦେବା ଜାଣି ବହୁ କଷ୍ଟ ଲାଗୁଛି। ରଥ ଗଡ଼ିବା ପାଇଁ ହାଇଡ୍ରୋ ଟ୍ରୋଚର ଲାଗିବା ଏହା ମଧ ଅନ୍ୟତମ କଷ୍ଟଦାୟକ ଥିଲା। ନିର୍ଦ୍ଦିଷ୍ଟ ସମୟରେ ନୀତିକାନ୍ତି ନ ହେବା, ଶ୍ରୀଜୀଉଙ୍କ ବଡ଼ସିଂହାର ବେଶ ପରେ ଜ୍ୟାକ୍‌ରେ ରଥକୁ ଉଠାଇବା ଆଦି ପ୍ରଶାସନିକ ଅଧିକାରୀଙ୍କ ପ୍ରଶାସନିକ ଅପାରଗତାକୁ ପଦାରେ ପକାଇଛି। ରଥ ନିର୍ମାଣ ତ୍ରୁଟିକୁ ଶ୍ରୀଜୀଉଙ୍କ ଲୀଳା କହି ଆଡ଼େଇ ଯିବା ଠିକ୍ ନୁହେଁ ବୋଲି ଶ୍ରଦ୍ଧାଳୁ ସାହୁ କହିଛନ୍ତି। ସେବାୟତ ଜ୍ୟୋତିରଞ୍ଜନ ପତ୍ରୀ କହିଛନ୍ତି, ନୀତି ପରିଚାଳନାକୁ ଜିଲା ପ୍ରଶାସନ ଆଦୌ ଗୁରୁତ୍ୱ ଦେଇନାହିଁ। ସେବାୟତଙ୍କ ସହ ବୈଠକ ହୋଇନାହିଁ। ସୀମିତ ସେବାୟତଙ୍କୁ ନେଇ ବୈଠକ କରାଯାଉଛି। ଆବଶ୍ୟକ ସମୟରେ ବୈଠକ ନ ହୋଇ ରଥଟଣାର ସାମାନ୍ୟ କେତେଦିନ ପୂର୍ବରୁ ବୈଠକ ହୋଇଛି। ଏହାବ୍ୟତୀତ ରଥ ନିର୍ମାଣଗତ ତ୍ରୁଟିକୁ ଜିଲା ପ୍ରଶାସନ ଆଦୌ ଧ୍ୟାନ ଦେଇନାହାନ୍ତି। ପୂର୍ତ୍ତ ବିଭାଗ ରଥ ନିର୍ମାଣର ତଦାରଖ ସହ ଫିଟନେସ ପ୍ରମାଣପତ୍ର ଦେବା କଥା। ତେବେ ଏହି ପ୍ରମାଣ ପତ୍ର ଦେବୋତ୍ତର ଟ୍ରଷ୍ଟକୁ ମିଳି ନ ଥିଲେ ମଧ୍ୟ ରଥଟଣା ହୋଇଥିଲା। ଆଡ଼ପ ମଣ୍ଡପକୁ ଶ୍ରୀଜୀଉ ବିଜେକରି ନ ଥିବାରୁ ଅନ୍ନଭୋଗ ପରିବର୍ତ୍ତେ ଚୁଡା ଖାଇବାକୁ ଦିଆଗଲା ବୋଲି ସେବାୟତ ପତ୍ରୀ କହିଛନ୍ତି। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ରଥ ନିର୍ମାଣ ତ୍ରୁଟି ଥିବା ସମ୍ପର୍କରେ ଏବେ ଅଭିଯୋଗ ହେଉଛି। ରଥ ଫିଟ୍‌ନେସ୍ ସମ୍ପର୍କରେ ପ୍ରମାଣପତ୍ର ପୂର୍ତ୍ତ ବିଭାଗ ଟ୍ରଷ୍ଟ ବୋର୍ଡକୁ ଦେବା କଥା। ହୁଏତ ଏହି ପ୍ରମାଣପତ୍ର ଜିଲାପାଳ ଓ ଏସ୍‌ପିଙ୍କୁ ପୂର୍ତ୍ତ ବିଭାଗ ଦେଇଥିବେ। ରଥ ନିର୍ମାଣଗତ ତ୍ରୁଟିର ତର୍ଜମା ସମ୍ପର୍କରେ ଅଦ୍ୟାବଧି କୌଣସି ଆଲୋଚନା ହୋଇନାହିଁ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପତ୍ରୀ ମତ ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ନିରଞ୍ଜନ


@ ରାକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚାଷୀମାନେ ଜମି ଦେବାକୁ ମନାକଲେ

**ପେଟ୍ରୋକେମିକାଲ ପ୍ରକଳ୍ପ ନିମନ୍ତେ ଜନଶୁଣାଣି ଶିବିର**

କୁଜଙ୍ଗ, ୧୦।୭ (ମନୋଜ ପ୍ରଧାନ)

ପ୍ରସ୍ତାବିତ ପେଟ୍ରୋ କେମିକାଲ ପ୍ରକଳ୍ପ ନିମନ୍ତେ ଢିଙ୍କିଆ ପଞ୍ଚାୟତର ଫିଙ୍ଗିଛିଟା କନ୍ଧା (ବେଛପରି ମୌଜା)ର ୨୨୪. ୩୫୧୯ ଏକର ଜମି ଅଧିଗ୍ରହଣ ହେବ । ଏଥିଲାଗି ବୁଧବାର ଏରସମା ବ୍ଲକ୍ ଢିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟରେ ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିରରେ ଢିଙ୍କିଆ ସରପଞ୍ଚ କିଶୋର ପରିଡ଼ାଙ୍କ ଅଧକ୍ଷତା କରିଥିଲେ। ଶିବିରରେ ପ୍ରଶାସନ ପକ୍ଷରୁ ଜଗତ୍‌ସିଂହପୁର ଓ ପାରାଦୀପର ଅତିରିକ୍ତ ଜିଲାପାଳ ଯଥାକ୍ରମେ ସମ୍ପିତ ରାଉତ ଓ ଲଳିତ ମୋହନ ବେହେରା, ଇଡ୍‌କୋ ମ୍ୟାନେଜର ସ୍ୱାତୀ ମିଶ୍ର, ଏରସମାର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ପାଲ, ଭୂ-ଅର୍ଜନ ଅଧିକାରୀ ଚିତ୍ତରଞ୍ଜନ ପିଲା ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ଉପସ୍ଥିତ ଚାଷୀମାନେ ରୋକ୍‌ଠୋକ୍ ଜମି ଦେବାକୁ ମନା କରିଦେଇଥିଲେ।

ଜନଶୁଣାଣିରେ ଚାଷୀମାନଙ୍କ ପକ୍ଷରୁ ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ, ସୁଧାଂଶୁ ଶେଖର ମହାପାତ୍ର, ଅଭୟ ସାମଲ, ଜ୍ୟୋତି ପ୍ରକାଶ ମହାନ୍ତି, ଦୀପକ ସ୍ୱାଇଁ , ଗୋପୀନାଥ ସାମନ୍ତରା, ନୃସିଂହ ରାଉତ, ଶ୍ରୀଧର ସ୍ୱାଇଁ, ଦିଲୀପ ମହାନ୍ତି, କ୍ଷୀରୋଦ ଦଳାଇ, ପ୍ରବୀର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେମାନେ ଅତୀତର ଅନୁଭୂତିକୁ ଭିତ୍ତିକରି କହିଥିଲେ, ତୈଳ ବିଶୋଧନାଗାର ପ୍ରକଳ୍ପ ପାଇଁ କୁଜଙ୍ଗ ଏରସମା ଅଞ୍ଚଳର ୧୭୫୨


ଜନଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ ।

ପରିବାର ପ୍ରାୟ ୩ ହଜାର ଏକରରୁ ଊର୍ଦ୍ଧ୍ୱ ନିଜ ଚାଷଜମିକୁ ଶାଗ, ମାଛ ଦରରେ ଟେକିଦେଲେ। ପ୍ରତିବଦଳରେ ସରକାର ଓ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା ପ୍ରତି ପରିବାରରୁ ଜଣକୁ ସିଧାସଳଖ ନିଯୁକ୍ତି ପ୍ରଦାନ, ବ୍ୟବସାୟିକ ସୁବିଧା, ପାରିପାର୍ଶ୍ୱିକ ଉନ୍ନୟନ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସୁବିଧା ଯୋଗାଇଦେବେ। ଏସବୁ ପ୍ରତିଶ୍ରୁତି କମ୍ପାନୀ କେତେ ପୂରଣ କରିଛି ସେ ହିସାବ ପ୍ରଶାସନ ପ୍ରଥମେ ଦେଉ ତା’ପରେ ଜନଶୁଣାଣି କରୁ ବୋଲି କହିଥିଲେ। ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ସ୍ଥାନୀୟ ଅଞ୍ଚଳର ବିକାଶରେ ଖର୍ଚ୍ଚ ନ ହୋଇ ଜିଲା ଓ ବାହାରେ ଖର୍ଚ୍ଚ ହେଉଛି। ଚାଷୀମାନେ କହିଥିଲେ, ପ୍ରତିଶ୍ରୁତି ବଦଳରେ ସେମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ୨୦୦୧ରେ ଆଇଓସିଏଲ୍ ପାଇଁ ଜମି ଅଧିଗ୍ରହଣ ହେଲା। ୨୦୦୨ରେ ଜଟାଧାର ନଦୀ ଶଯ୍ୟା ଡ୍ରେଜିଂ କରାଯାଇ ବାଲି ପୋତେଇ ପରଠାରୁ ଯେଉଁ ଢିଙ୍କିଆ ଚାରି ଦେଶରେ ହାତରେ ବାଲି ଆଡ଼େଇ ଦେଲେ ମଧୁରଜଳ ମିଳୁଥିଲା ଏବେ ସେଠି ଗଭୀର ନଳକୂପ ବସାଇଲେ ଲୁଣିପାଣି ପଡୁଛି। ଆଇଓସିଏଲ୍ ଅଦ୍ୟାବଧି ପାନୀୟ ଜଳ ପାଇବା ନିମନ୍ତେ ସ୍ଥାୟୀ ପ୍ରକଳ୍ପଟିଏ କରିନାହିଁ। ଦୀର୍ଘ ୨୩ ବର୍ଷ ହେବ ତ୍ରିଲୋଚନପୁର ଓ ମାହାଳ ଗାଁକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇଦେଇଛି। ତାହା ପର୍ଯ୍ୟାପ୍ତ ହେଉନି କି ନିୟମିତ ମଧ ହେଉନାହିଁ। ୧୦ ଦିନ ହେବ ଏହି ୨ ଗାଁର ଜନସାଧାରଣ ପାନୀୟ ଜଳ ନ ପାଇ ହନ୍ତସନ୍ତ ହେଉଛନ୍ତି। ଏସବୁ ବିଷୟରେ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି। ଅନ୍ୟପକ୍ଷେ ଶିଳ୍ପ ପ୍ରଦୂଷଣ ଯୋଗୁ ହୃଦ୍‌ରୋଗ, କର୍କଟ ଓ ଚର୍ମରୋଗ ଦିନକୁଦିନ ଅଞ୍ଚଳରେ ବୃଦ୍ଧି ପାଇଚାଲିଛି। ବହୁ ଲୋକ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ଏଠାରେ ଏକ ଉନ୍ନତମାନର ଡାକ୍ତରଖାନା ନାହିଁ। ଶିଳ୍ପଗୋଷ୍ଠୀ ମିଶି ଯଦି ସୁପର ସୋଶିଆଲିଟି ହସ୍ପିଟାଲଟିଏ କରିଥାନ୍ତେ ଆଜି ଖର୍ଚ୍ଚାନ୍ତ ହୋଇ କଟକ, ଭୁବନେଶ୍ୱର, ଦିଲ୍ଲୀ, ବମ୍ବେ ଯିବାକୁ ପଡ଼ନ୍ତାନାହିଁ ବୋଲି ଚାଷୀମାନେ କହିଥିଲେ। ଆମ ଗାଁକୁ ଲାଗି ଶିଳ୍ପ ହୋଇଥିବା ବେଳେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯୁବକଙ୍କୁ ଯିବାକୁ ପଡୁଛି। ଯେତେ ଆନ୍ଦୋଳନ କି ଦାବି କଲେ କେହି ଶୁଣୁନାହାନ୍ତି। ସେହିପରି ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ୩ ବର୍ଷ ହେବ ପାନ, ମୀନ, ଧାନ, କାଜୁ ଭଳି ଅର୍ଥକରୀ ଜୀବିକା ହରାଇ ବସିଥିଲେ ବି ନିଯୁକ୍ତି ନାହିଁ। ଏତେ ଅଡୁଆକୁ ପଶିବାର ନାହିଁ କି ଜମି ଦେବାର ନାହିଁ ବୋଲି ଚାଷୀମାନେ କହିଥିଲେ। ଯଦି କମ୍ପାନୀ ଜମି ଅଧିଗ୍ରହଣ କରିବାକୁ ଚାହୁଁଛି ତେବେ କ୍ଷତି ପୂରଣ ପ୍ରଦାନ ସହ ଚାଷୀମାନଙ୍କୁ ପ୍ରକଳ୍ପର ଅଂଶୀଦାର କରିବାକୁ ଦାବି କରାଯାଇଥିଲା। ଜମିର ପରିମାଣକୁ ନେଇ କେଉଁ ଚାଷୀଙ୍କ କେତେ ଅଂଶ ରହିବ ତାହା ସ୍ଥିର କରାଯାଉ ବୋଲି ସେମାନେ ଦାବି କରିଥିଲେ। ଆଉ କେତେଜଣ ଅଭିଯୋଗ କରିଥିଲେ, ଢିଙ୍କିଆ ଚାରିଦେଶର ଗୋଟିଏ ପଟେ ତୈଳ ବିଶୋଧନାଗାର ଅନ୍ୟପଟେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଆଉ ଗୋଟେ ପଟେ ପେଟ୍ରୋ କେମିକାଲ ପ୍ରକଳ୍ପ ହେଲେ ବଞ୍ଚିବେ କିପରି ବୋଲି ପ୍ରଶ୍ନ କରିଥିଲେ। ତେଣୁ ସେମାନଙ୍କୁ ଦୂର ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ କହିଥିଲେ। ମୋଟାମୋଟି ଭାବେ ଜନଶୁଣାଣି ଶିବିରରେ କେହି ଜଣେ ହେଲେ ଚାଷୀ ଜମି ଦେବାକୁ ରାଜିହୋଇ ନ ଥିଲେ। ସୂଚନାଯୋଗ୍ୟ, କୁଜଙ୍ଗ ଓ ଏରସମା ତହସିଲ ଅଞ୍ଚଳର ୧୧ଟି ମୌଜାର ଜମି ଅଧିଗ୍ରହଣ କରାଯିବ। ଜନ ଅଭିଯୋଗ ଶୁଣିବା ପରେ ଦାବିଗୁଡ଼ିକ ବିଷୟରେ ସରକାରଙ୍କ ସହ ଆଲୋଚନା ପରେ ଜଣାଇ ଦିଆଯିବ ବୋଲି ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ କହିଥିଲେ।

## ବାଣ ବିସ୍ଫୋରଣ ଘଟଣାରେ ଜଣେ ଗୁରୁତରଙ୍କ ମୃତ୍ୟୁ

ରସୁଲପୁର, ୧୦।୭ (ରଞ୍ଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ଖୋସାଲପୁର ଗ୍ରାମରେ ବେଆଇନ ବାଣ ପ୍ରସ୍ତୁତବେଳେ ବିସ୍ଫୋରଣ ଘଟି ଗୁରୁତର ହୋଇଥିବା ଜଣେ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ହୋଇଛି। ମୃତକହେଲେ ଧନେଶ୍ୱର ପାଗଡ଼(୫୦)। କୁଆଖିଆ ପୋଲିସ କଟକ ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଜୁନ ୩୦ରେ ଏହି ଗାଁରେ ଘଟିଥିବା ବାଣ ବିସ୍ଫୋରଣରେ ଜଣେ ନାବାଳକ ସମେତ ୩ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରେ ଧନେଶ୍ୱର ବୟସ୍କ ବ୍ୟକ୍ତିଥିଲେ। ତାଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଜଣ ଏଯାଏ ବିପଦମୁକ୍ତ ନ ଥିବା ଜଣାଯାଇଛି। ଘଟଣାକୁ ନେଇ ଏଏସ୍‌ଆଇ ମନୋଜ ପରିଡ଼ାଙ୍କ ଏତଲା ବଳରେ ଥାନାରେ ଏକ ମାମଲା ନଂ.୨୯୯/୨୪ ରୁଜୁ ହୋଇଛି।

ଅନ୍ୟପକ୍ଷରେ ଘଟଣାକୁ ୧୦ଦିନ ବିତି ସାରିଥିଲେ ବି ପୋଲିସ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇନାହିଁ। ପୋଲିସ କେବଳ ଜଣକୁ ଅଟକ ରଖି ପଚରାଉଚରା ଚଳାଇଛି। ଏବେ ଜଣେ ମୃତ୍ୟୁବରଣ କରିବା ପରେ ଘଟଣାକୁ ପୋଲିସ ଗମ୍ଭୀରତାର ସହ ନେଇଥିବା ସୂଚନା ମିଳୁଛି। ପୋଲିସ ବେଆଇନ ବାଣ ପ୍ରସ୍ତୁତିରେ ସଂପୃକ୍ତି ବ୍ୟକ୍ତିମାନଙ୍କୁ କାବୁ କରିବା ପାଇଁ ଯୋଜନା କରୁଛି। ତେବେ ଆଗକୁ ଏହି ଘଟଣାକୁ ପୋଲିସ କିଭଳି ଗ୍ରହଣ କରୁଛି, ତଦନ୍ତର ଦିଗ କେଉଁ ଆଡକୁ ଯାଉଛି ତାହା ତଦନ୍ତ ଅଧିକାରୀଙ୍କ କାର୍ଯ୍ୟଧାରାରୁ ସ୍ପଷ୍ଟ ହୋଇପାରିବ ବୋଲି କୁହାଯାଉଛି।

# ଲଘୁ ଖଣିଜ ବିଭାଗ ପକ୍ଷରୁ ୨୨ କ୍ରଶରରେ ମିଳିତ ଚଢ଼ାଉ


ଏକ କ୍ରଶରରେ ଚଢ଼ାଉ କରାଯାଉଛି ।

ଧର୍ମଶାଳା/ଚଡ଼େଇଧରା, ୧୦।୭ (ବଟକୃଷ୍ଣ ପରିଡ଼ା/ଦିଲୀପ ପରିଡ଼ା):

ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡ଼ପୁର ଓ ଡଙ୍କାରୀସ୍ଥିତ ବାରମାଣ ଅଞ୍ଚଳରେ ଥିବା ୨୨ କ୍ରଶର ଉପରେ ଲଘୁଖଣିଜ ବିଭାଗ ପକ୍ଷରୁ ବୁଧବାର ମିଳିତ ଭାବେ ଚଢ଼ାଉ କରାଯାଇଛି। ଜିଲା ଲଘୁ ଖଣିଜ ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କ ନେତୃତ୍ୱରେ ଖଣି ଅଧିକାରୀ ଯଶକେତନ ସେଠୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜିଲା ଅଧିକାରୀ, ରାଜସ୍ୱ ନିରୀକ୍ଷକ ଚନ୍ଦନ ସାହୁ, ମାନସ ରଞ୍ଜନ ବେଜ, ମାଧବାନନ୍ଦ ଆଇଚ ଓ ସତ୍ୟ ସୁନ୍ଦର ସାହୁଙ୍କ ସମେତ ଜେନାପୁର ପୋଲିସ ମିଳିତ ଭାବେ ଏହି ଚଢ଼ାଉ କରିଛନ୍ତି। ଏହି ଟିମ ଚଢ଼ାଉ କରି ଏଠାରେ କେତେପରିମାଣର କଳାପଥର ରହିଛି ଏବଂ ତାହାର ଟ୍ରାନଜିଟ ପାସ ଆଦି ଅଛି କି ନାହିଁ ତାହା ଯାଞ୍ଚ କରିଛନ୍ତି। ପରବର୍ତ୍ତୀ ସମୟରେ ମାପଚୁପ କରାଯାଇ ଆବଶ୍ୟକୀୟ କାଗଜପତ୍ର ଦେଖାଇବାକୁ କ୍ରଶରମାଲିକମାନଙ୍କୁ ନୋଟିସ ଦିଆଯାଇଛି ବୋଲି ଜିଲା ଲଘୁ ଖଣିଜ ଉପନିର୍ଦ୍ଦେଶ ନାୟକ ସୂଚନା ଦେଇଛନ୍ତି। ଗତ ୪ ତାରିଖରେ ରାହାଡ଼ପୁର ଓ ଡଙ୍କାରୀସ୍ଥିତ ୧୨ କ୍ରଶରରେ ଚଢ଼ାଉ କରାଯାଇଥିଲା।

# କୋଷ୍ଟଗାର୍ଡ ସୁରକ୍ଷା ପ୍ରଣାଳୀ ଦେଖିଲେ ୨୫ ଜଣ ଆଇପିଏସ୍ ପ୍ରଶିକ୍ଷାର୍ଥୀ


କୋଷ୍ଟଗାର୍ଡ ସୁରକ୍ଷା ପ୍ରଣାଳୀ ଦେଖୁଛନ୍ତି ଆଇପିଏସ୍ ପ୍ରଶିକ୍ଷାର୍ଥୀ।

ପାରାଦୀପ, ୧୦।୭ (ଶରତ ରାଉତ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜାତୀୟ ପୋଲିସ ଏକାଡେମୀର ୭୬ ଆର୍‌ଆର୍ ବ୍ୟାଚ୍‌ର ୨୫ଜଣ ଆଇପିଏସ୍ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ ବୁଧବାର ପାରାଦୀପସ୍ଥିତ ତଟ ରକ୍ଷକ ଜିଲା ମୁଖ୍ୟାଳୟ ନମ୍ବର ୭ରେ ଅନୁଷ୍ଠିତ ହୋଇଥିଲା। ଆଇପିଏସ୍ ପ୍ରଶିକ୍ଷାର୍ଥୀମାନଙ୍କୁ ଭାରତୀୟ ତଟ ରକ୍ଷକର ଭୂମିକା ଓ ଦାୟିତ୍ୱଗୁଡ଼ିକ ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା। ଭାରତୀୟ ତଟରକ୍ଷକ ପାରାଦୀପରେ ଥିବା ସାମୁଦ୍ରିକ ଉଦ୍ଧାର ଉପକେନ୍ଦ୍ର, ସୁଦୂର ସଞ୍ଚାର କେନ୍ଦ୍ର ଓ ସଞ୍ଚାର କକ୍ଷର କାର୍ଯ୍ୟାନୁଷ୍ଠାନ ପ୍ରଣାଳୀ ବିଷୟରେ ଅବଗତ କରାଯିବା ସହ ତଟ ରକ୍ଷକ ଜାହାଜରେ ମଧ ଭ୍ରମଣର ବ୍ୟବସ୍ଥା କରାଯାଇଥିଲା। ପ୍ରଶିକ୍ଷାର୍ଥୀମାନଙ୍କୁ ସମୁଦ୍ରରେ ଭାରତୀୟ ତଟ ରକ୍ଷକ ଦ୍ୱାରା ବିଭିନ୍ନ ମିଶନ ସମ୍ବନ୍ଧରେ, ଯଥା ସନ୍ଦେହାସ୍ପଦ ଜାହାଜଗୁଡ଼ିକର ତଦନ୍ତ, ବୋର୍ଡିଂ ପ୍ରକ୍ରିୟା, ଖୋଜିବା ଏବଂ ଉଦ୍ଧାର, ସାମୁଦ୍ରିକ ପ୍ରଦୂଷଣ ପ୍ରତିକ୍ରିୟା ଓ ସମୁଦ୍ରରେ ସଚେତନତା ଉନ୍ନତି ପ୍ରୟାସ ବିଷୟରେ ଅବଗତ କରାଯାଇଥିଲା। ଏହି ଭ୍ରମଣରେ ପ୍ରଶିକ୍ଷାର୍ଥୀମାନଙ୍କୁ ଭାରତୀୟ ତଟ ରକ୍ଷକ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ବାର୍ତ୍ତା ଆଦାନପ୍ରଦାନ କରିବା ପାଇଁ ଏକ ମଞ୍ଚ ଓ ସୁଯୋଗ ପ୍ରଦାନ କରିଥିଲା। ବିଶେଷକରି ତଟ ସୁରକ୍ଷା ସମ୍ବନ୍ଧରେ ବିଭିନ୍ନ ଜ୍ଞାନ ଓ ଭାବନା ବିନିମୟ କରାଯାଇଥିଲା। ଏହି ପ୍ରଶିକ୍ଷଣ ତଟ ସୁରକ୍ଷାରେ ପରସ୍ପର ମଧ୍ୟରେ ସହଯୋଗକୁ ଆହୁରି ଆଗକୁ ବଢ଼ାଇବ।

# ମଦ ଦୋକାନ ଉଠିଲା, ଢାବାରେ ବିକ୍ରି ବଢ଼ିଲା

ଯାଜପୁର, ୧୦।୭ (ହର୍ଷବର୍ଦ୍ଧନ ବେହେରା):

**ଜାତୀୟ ରାଜପଥ କଡରେ ମଦ ଦୋକାନ ସ୍ଥାନାନ୍ତର ପ୍ରସଙ୍ଗ**

- ପୋଲିସ, ଅବକାରୀ ବିଭାଗ ନୀରବ
- ଦୁର୍ଘଟଣା ବଢୁଛି, କାମରେ ଲାଗୁନି ଯୋଜନା

ଧନଜୀବନର ସୁରକ୍ଷା ଏବଂ ନିରାପଦ ଗମନାଗମନ ପାଇଁ କେନ୍ଦ୍ର ସରକାର ବିପୁଳ ଅର୍ଥ ବ୍ୟୟବରାଦ କରି ଜାତୀୟ ରାଜପଥ(ଏନ୍‌ଏଚ୍) ନିର୍ମାଣ କରିଛନ୍ତି । ଏହାର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ମଧ ବିପୁଳ ଅର୍ଥ ବ୍ୟବସ୍ଥା ହେଉଛି। କିନ୍ତୁ କେତେକ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାରଙ୍କ ସାଲିସ ଯୋଗୁ ଏହି ରାଜପଥ ନିର୍ମାଣରେ ବ୍ୟାପକ ତ୍ରୁଟି ଓ ଅନିୟମିତତା ଦେଖାଦେଇଛି । ଏଥିପାଇଁ ଜାତୀୟ ରାଜପଥ ମରଣପଥ ସାଜିଛି । ଏହାସହ ନିଶା ସେବନ କରି ଗାଡ଼ି ଚାଳନା ଦୁର୍ଘଟଣାର ଅନ୍ୟତମ କାରଣ ହୋଇଛି ବୋଲି ଅଭିଯୋଗ ହୋଇ ଆସୁଛି। ତେଣୁ ଗତ ୨୦୧୬ରେ ଜାତୀୟ ରାଜପଥ ପାର୍ଶ୍ୱରୁ ମଦଦୋକାନଗୁଡିକୁ ୫୦୦ ମିଟର ଦୂରକୁ ସ୍ଥାନାନ୍ତର କରାଯାଇଛି। ଏହି କ୍ରମରେ ମଦ ଦୋକାନ ବନ୍ଦ ହୋଇଛି ସତ ହେଲେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଢାବାରେ ବେଆଇନ ମଦ ବିକ୍ରୀ ଅଣାୟତ ହୋଇଛି। କଟକ, ଯାଜପୁର, ବାଲେଶ୍ୱର, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କେନ୍ଦ୍ରାପଡ଼ା ଆଦି ଜିଲା ଦେଇ ଯାଇଥିବା ୧୬, ୨୦, ୫୩ ଓ ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଅଧିକାଂଶ ଢାବାରେ ବେଆଇନ ମଦ ବିକ୍ରୀ ଚାଲିଥିବା ଅଭିଯୋଗ ହେଉଛି। ଫଳରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୁର୍ଘଟଣା ନିୟନ୍ତ୍ରଣ ହେବା ପରିବର୍ତ୍ତେ ଆହୁରି ବଢିବାରେ ଲାଗିଛି।

ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜିଲାଗୁଡିକରେ ପ୍ରାୟ ୧୦%ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଜନିତ ମୃତ୍ୟୁ ବଢିବାରେ ଲାଗିଛି। ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବାକୁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ପ୍ରଶାସନ ପକ୍ଷରୁ ନିୟମିତ ବ୍ୟବଧାନରେ ଜିରୋ ଟଲୋରେନ୍ସ ଡେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଦିନ ପରିବହନ ଅଧିକାରୀ ଏବଂ ପୋଲିସ ଦ୍ରୁତ ଗାଡି ଚାଳନା, ମଦ୍ୟପାନ କରି ଗାଡି ଚାଳନା, ଭୁଲ ସାଇଡ୍‌ରେ ଗାଡି ଚଳାଇବା, ମୋବାଇଲ ବ୍ୟବହାର, ହେଲମେଟ ନ ପିନ୍ଧିବା ଏବଂ ସିଟ୍‌ବେଲ୍ଟ ନ ଲଗାଇବା ଇତ୍ୟାଦି ଉପରେ କଠୋର ପଦକ୍ଷେପ ଗ୍ରହଣ କରାଯାଉଛି। ଆରଟିଓମାନେ ପୋଲିସ ଅଧିକାରୀମାନଙ୍କ ସହ ଏହାର ପରିଚାଳନା କରୁଛନ୍ତି। ସମସ୍ତ ଆରଟିଓ


ଏକ ଢାବା ସମ୍ମୁଖରେ ଗଦା ହୋଇଥିବା ମଦ ବୋତଲ ।

ପ୍ରତ୍ୟେକ ମାସ ଜିରୋ ଟଲୋରେନ୍ସ ଡେ ପାଳନ ଏବଂ ନିଆଯାଇଥିବା ପଦକ୍ଷେପ ଉପରେ ରିପୋର୍ଟ ପ୍ରଦାନ କରୁଛନ୍ତି। ଏହାବାଦ୍ ୨୦୨୩ ଏପ୍ରିଲ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ଜିରୋ ଫାଟାଲିଟି ଉଇକ ବା ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ସପ୍ତାହରେ ଯେମିତି କୌଣସି ଦୁର୍ଘଟଣା ଜନିତ ମୃତ୍ୟୁ ନ ହେବ ସେଥିପ୍ରତି ସମସ୍ତ ପ୍ରକାର ଉଦ୍ୟମ ହେଉଛି। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜପଥରେ ଆମ୍ବୁଲାନ୍ସ ନିୟୋଜିତ ହେବା ସହ ଟ୍ରମା କେୟାର ସେଣ୍ଟର କର୍ତ୍ତୃପକ୍ଷ ତତ୍ପର ରହୁଛନ୍ତି। ନିର୍ମାଣ, ଏନ୍‌ଏଚ୍‌ଏଆଇ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆବଶ୍ୟକ ସୂଚନା, ଦ୍ରୁତ ଗାଡି ଚାଳନା ବୋର୍ଡ, ନିର୍ମାଣଧୀନ ରାସ୍ତା ନିକଟରେ କର୍ମଚାରୀ ନିୟୋଜନ ଇତ୍ୟାଦି ପଦକ୍ଷେପ ଗ୍ରହଣ ହେଉଛି। ତଥାପି ରାଜପଥ କଡରେ ଥିବା ଢାବାଗୁଡିକରେ ଗାଡ଼ି ଚାଳକମାନେ ଖାଇବା ବାହାନାରେ ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବାରୁ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ବିଫଳ ହେଉଥିବା ମତ ପ୍ରକାଶ ପାଉଛି। ଏଠାରେ ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳଠାରୁ ରେଢାଖୋଲ ରାସ୍ତାର ରେଳୱେ ଫାଟକ ନିକଟରେ ଥିବା ଏକ ଢାବାକୁ ଉଦାହରଣ ଭାବେ ନିଆଯାଇପାରେ। ଅବକାରୀ ଆଇନ ଅନୁସାରେ ସେହି ନିକଟରେ ଥିବା ଲାଇସେନ୍ସପ୍ରାପ୍ତ ମଦ ଦୋକାନକୁ ଉଠାଇ ନିଆଯାଇଥିବାବେଳେ ଉକ୍ତ ଢାବାରେ ଦୈନିକ ୧୦୦୦ରୁ ଊର୍ଦ୍ଧ୍ୱ ବୋତଲ ମଦ ବିକ୍ରୀ ହେଉଛି। ସ୍ଥାନୀୟ କେତେକ ପୋଲିସ ଓ ଅବକାରୀ ବିଭାଗ ଅଧିକାରୀମାନେ ମାସିକ ଚାନ୍ଦା ନେଇ ଉକ୍ତ ବେଆଇନ ଢାବାକୁ ସୁରକ୍ଷା ଦେଇ ଆସୁଛନ୍ତି। ଫଳରେ ୫୫ ନମ୍ବର ଜାତୀୟ ରାଜପଥ ସମେତ ଅନ୍ୟାନ୍ୟ ରାସ୍ତାରେ ଦୁର୍ଘଟଣା ବଢ଼ିଚାଲିଛି ବୋଲି ଚର୍ଚ୍ଚା ହେଉଛି।

# ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଅବ୍ୟବସ୍ଥା

ଖଣ୍ଡପଡ଼ା,୧୦।୭(ଅଜୟ କୁମାର ମହାରଣା)



ଅବହେଳିତ ଅବସ୍ଥାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ।

■ ଲକ୍ଷାଧିକ ଟଙ୍କା ଆୟ ସତ୍ତ୍ୱେ ହିସାବର ସ୍ୱଚ୍ଛତା ନାହିଁ
■ ରକ୍ଷଣାବେକ୍ଷଣ ଅଭାବରୁ ଅବ୍ୟବସ୍ଥା

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋ ନୀଳମାଧବ ପୀଠରେ ୨୦୧୩ରେ ନିର୍ମିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରୁ ଲକ୍ଷାଧିକ ଟଙ୍କା ଆୟ କରାଯାଉଥିବା ବେଳେ ସଞ୍ଚୟ ଘର ଶୂନ ବୋଲି ଅଭିଯୋଗ ହେଉଛି। ନିମ୍ନମାନର କାର୍ଯ୍ୟ ତଥା ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବାତ୍ୟା ଆଶ୍ରୟସ୍ଥଳୀ ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଶୌଚାଗାର ନିଷ୍କାସନ ପାଇପରୁ ମଇଳା ଜଳ ଅବିରତ ଝରୁଛି । ବାତ୍ୟା ଆଶ୍ରୟସ୍ଥଳୀ ଛାତ ତଳେ ଆଶ୍ରୟ ନେଉଥିବା ଲୋକଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି ବୋଲି ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, କଣ୍ଟିଲୋଠାରେ ନିର୍ମିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ସୁପରିଚାଳନା ପାଇଁ ବିଧି ବ୍ୟବସ୍ଥା କ୍ରମେ ଏକ କମିଟି ଗଠନ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଥିଲା । ବାତ୍ୟାଆଶ୍ରୟସ୍ଥଳୀ ପରିଚାଳନା କମିଟିର ସଭାପତି ଭାବେ ସ୍ଥାନୀୟ ସରପଞ୍ଚ ଓ ପରିଚାଳନା କମିଟିର ସଦସ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଗତ ୧୧ ବର୍ଷ ହେବ ନିର୍ମିତ ଏହି ବାତ୍ୟାଆଶ୍ରୟସ୍ଥଳୀର ସଭାପତି ଭାବେ ନିର୍ବାଚିତ ସରପଞ୍ଚମାନେ ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ପ୍ରଥମରୁ ଦାୟିତ୍ୱ ନେଇଥିବା ସମ୍ପାଦକ ହିଁ ଆଜି ପର୍ଯ୍ୟନ୍ତ ନିଜ ଦାୟିତ୍ୱ ତୁଲାଇ ଆସୁଛନ୍ତି। କମିଟିର ସଦସ୍ୟମାନଙ୍କ କହିବା ଅନୁଯାୟୀ, ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପରଠାରୁ ସେଠାରେ ଘରୋଇ ଟ୍ୟୁଶନ ପାଇଁ ମାସିକ ୩ ହଜାର ଟଙ୍କା ଭଡ଼ା ଆଦାୟ ହେଉଥିଲା । ବିଭିନ୍ନ ସମୟରେ ଜିଲା ତଥା ଜିଲା ବାହାରୁ ଆସୁଥିବା ବ୍ୟବସାୟୀ ବ୍ୟବସାୟ ଉଦ୍ଦେଶ୍ୟରେ ଏଠାରେ ବହୁ ବର୍ଷ ଧରି ଘର ଭଡା ନେଇ ରହିଆସନ୍ତି। ସେହିପରି ଗତ ୧୮ ମାସ ହେଲା ନୀଳମାଧବ ବିକାଶ ପ୍ରକଳ୍ପ ଦାୟିତ୍ୱରେ ଥିବା ବଂଶଲ କମ୍ପାନୀର କର୍ମକର୍ତ୍ତାମାନେ ମଧ ମାସିକ ୩ ହଜାର ଟଙ୍କା ଭଡ଼ାରେ ଏଠାରେ ରହି ଆସୁଛନ୍ତି । ଏଥିପାଇଁ ବର୍ଷକୁ ହାରାହାରି ଯଦି ୩୬ ହଜାର ଟଙ୍କା ଆଦାୟ କରାଯାଇଥାଏ, ତେବେ ୧୧ ବର୍ଷରେ ପ୍ରାୟ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଛି । ଏସବୁ ଆୟକୁ କମିଟିର କର୍ମକର୍ତ୍ତାଙ୍କ ନାମରେ କୌଣସି ବ୍ୟାଙ୍କରେ ଜଏଣ୍ଟ ଆକାଉଣ୍ଟରେ ଜମା କରାଯିବାର ବ୍ୟବସ୍ଥା ରହିଛି । ମାତ୍ର କର୍ମକର୍ତ୍ତାମାନେ ଏ ଦିଗ ପ୍ରତି ଯତ୍ନବାନ ହୋଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ବାତ୍ୟା ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ପ୍ରତି କମିଟି କୋହଳ ମନୋଭାବ ପ୍ରଦର୍ଶନ କରିଥିବା ମତ ପ୍ରକାଶ ପାଇଛି । ବିଭିନ୍ନ ସୂତ୍ରରୁ ଆଦାୟ କରାଯାଇଥିବା ଅର୍ଥକୁ ବ୍ୟାଙ୍କ ଜମା କରା ନ ଯାଇ କର୍ମକର୍ତ୍ତା ନିଜ ହାତରେ ରଖି ବିଭିନ୍ନ ଉପାୟରେ ଖର୍ଚ୍ଚ କରୁଛନ୍ତି । ବାତ୍ୟାଆଶ୍ରୟସ୍ଥଳୀର ପରିଚାଳନାଗତ ତ୍ରୁଟି ସମ୍ପର୍କରେ ଖଣ୍ଡପଡ଼ା ବିଡିଓ ଓ ନୟାଗଡ଼ ଜିଲା ଜରୁରୀକାଳୀନ ଅଧିକାରୀ(ଡିଇଓ) ଅଶୋକ କୁମାର ରଥ ଅବଗତ ହେବା ପରେ ଦାୟିତ୍ୱରେ ଥିବା ସମ୍ପାଦକ ପ୍ରଦୀପ କୁମାର ମହାପାତ୍ରଙ୍କ ସହ ଆଲୋଚନା କରି ଆୟବ୍ୟୟର ହିସାବ ସହ କାଗଜପତ୍ର ତ୍ରୁଟି ଥିବା ଜାଣିବାକୁ ପାଇଥିଲେ । ତୁରନ୍ତ କାଗଜପତ୍ର ନିୟମିତ କରିବା ସହ ନିଜ ପାଖରେ ଥିବା(ବାତ୍ୟା ଆଶ୍ରୟସ୍ଥଳୀର ଆଦାୟ ଅର୍ଥ) ଟଙ୍କାକୁ ବ୍ୟାଙ୍କରେ ଜମା କରିବାକୁ ତାଗିଦା କରିଛନ୍ତି । ଅପରପକ୍ଷେ ସଭାପତି ଦାୟିତ୍ୱରେ ଥିବା କଣ୍ଟିଲୋ ସରପଞ୍ଚ ୨୦୨୨ରେ ସଭାପତି ଓ ସମ୍ପାଦକ ନାମରେ ଜଏଣ୍ଟ ଆକାଉଣ୍ଟ ଖୋଲି ବ୍ୟାଙ୍କରେ ଟଙ୍କା ଜମା କରିବାକୁ ତାଗିଦ କରିଛନ୍ତି ।

ଏ ସମ୍ପର୍କରେ ଜିଲା ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ରଥ ଓ ବିଡିଓ ଅଙ୍କୁର ଅଭିଳାଷଙ୍କ ସହ ଯୋଗାଯୋଗ କରାଯାଇଥିଲା । ଉକ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ଏକ ନୂତନ କମିଟି ଗଠନ କରାଯିବା ପାଇଁ ବିଭିନ୍ନ ବିଧି ବ୍ୟବସ୍ଥା କ୍ରମେ ପଦକ୍ଷେପ ଗ୍ରହଣ କରାଯିବ । ନୂତନ କମିଟି ଏବେ ଗଠନ କରିବା ସମ୍ଭବ ନୁହେଁ ବୋଲି ସଂପୃକ୍ତ ଅଧିକାରୀଦ୍ୱୟ କହିଛନ୍ତି । ଅପରପକ୍ଷେ ସମ୍ପାଦକ ଦାୟିତ୍ୱରେ ଥିବା ମହାପାତ୍ରଙ୍କ ଠାରୁ ପ୍ରକାଶ ଯେ, ପୂର୍ବ ସରପଞ୍ଚମାନଙ୍କ ଦ୍ୱାରା ଏହି ବାତ୍ୟା ଆଶ୍ରୟ ସ୍ଥଳୀ ପରିଚାଳିତ ହେଉଥିଲା । ପରବର୍ତ୍ତୀ ସମୟରେ ଗତ ୨ ବର୍ଷ ହେବ ମୁଁ ଏହି ଦାୟିତ୍ୱରେ ରହିଛି । ବିନା ପାରିଶ୍ରମିକରେ ଏହି ଦାୟିତ୍ୱ ତୁଲାଇ ନାନା ଅପବାଦ ଶୁଣୁଥିବାରୁ ମୁଁ ଏହି ଦାୟିତ୍ୱରୁ ଅବ୍ୟାହତି ନେବାକୁ ଚାହୁଁଛି ବୋଲି ସେ କହିଛନ୍ତି। ତେବେ ଆଶ୍ରୟସ୍ଥଳୀର ପ୍ରଥମ ମହଲାରେ ଥିବା ପାଇଖାନାରୁ ମଇଳା ନିଷ୍କାସନ ହେବା ପାଇଁ ଲାଗିଥିବା ପିଭିସି ପାଇପଟି ନଷ୍ଟ ହୋଇଯାଇ ସମସ୍ୟା ସୃଷ୍ଟି କରୁଥିବାରୁ ଆସନ୍ତା ୨/୩ ଦିନ ମଧ୍ୟରେ ଏଦିଗରେ ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଓ ମରାମତି କରିବାକୁ ସରପଞ୍ଚ ଶ୍ରୀୟାରାଣୀ ବେହେରା ସୂଚନା ଦେଇଛନ୍ତି।



@ ନିରଞ୍ଜନ


@ ରାକେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ତହସିଲ କାର୍ଯ୍ୟାଳୟରେ ନୂତନ ଅଧିକାରୀଙ୍କ ଯୋଗଦାନ

ଖଣ୍ଡପଡା,୧୦।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅଭାବରୁ ଗତ କିଛି ଦିନ ହେଲା ଅଚଳାବସ୍ଥା ଦେଖାଦେଇଥିଲା। ଏଠାରେ କାର୍ଯ୍ୟରତ ତହସିଲଦାର ଧୋବେଇ ନାଏକ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯିବା ପରେ ତହସିଲଦାର ପଦବୀଟି ଖାଲି ପଡ଼ିଥିବା ବେଳେ ଗତ ୩ ବର୍ଷ ଧରି ଏଠାରେ ଅତିରିକ୍ତ ତହସିଲଦାର ପଦବୀଟି ଖାଲି ପଡ଼ିଥିଲା । ଏଥିଯୋଗୁ କାର୍ଯ୍ୟାଳୟରେ ପ୍ରଶାସନିକ ଅବ୍ୟବସ୍ଥା ଦେଖା ଦେଇଥିଲା। ନୟାଗଡ଼ ଜିଲାପାଳ ସ୍ୱାଧାଦେବ ସିଂହଙ୍କ ନିର୍ଦ୍ଦେଶକ୍ରମେ ଡେ଼ପୁଟି ଜିଲାପାଳ ଭାବେ କାର୍ଯ୍ୟରତ ରାଜାରାମ ଛତ୍ରିଆଙ୍କୁ ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯିବା ପରେ ତହସିଲ କାର୍ଯ୍ୟାଳୟ ଦେଖା ଦେଇଥିବା ଅଚଳାବସ୍ଥା ଦୂର ହୋଇଛି।

### ସାନଭାଇଙ୍କୁ ମାଡ଼ମାରି ବଡ଼ ଗିରଫ

ବୁଗୁଡା, ୧୦।୭(କାଳିଚରଣ ଦାଶ)

ବୁଗୁଡା ଥାନା ଅନ୍ତର୍ଗତ ବାଲିପଦର ଖଦାଳ ସାହିରେ ସାନଭାଇଙ୍କୁ ମାଡ଼ମାରି ବଡ଼ଭାଇ ଗିରଫ ହୋଇଛନ୍ତି। ସାନଭାଇ ରବିନ୍ଦ୍ର ନାଇକଙ୍କୁ ବଡ଼ଭାଇ ଦୋଳଗୋବିନ୍ଦ ନାଇକ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ନଂ ୩୭୭/୨୪ରେ ମାମଲା ରୁଜୁ ହୋଇଥିବା ବାଲିପଦର ଫାଣ୍ଡି ଅଧିକାରୀ ନିଳାଦ୍ରୀ ରେଡି କହିଛନ୍ତି। ମଙ୍ଗଳବାର ରାତିରେ ବିଧବା ମା'ଙ୍କ ପେନସନକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଦୋଳଗୋବିନ୍ଦ ଉତକ୍ଷିପ୍ତ ହୋଇ ରବିନ୍ଦ୍ରକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଭିଣୋଇ ସୁଶାନ୍ତ ନାଇକ ମଧ ସହଯୋଗ କରିଥିଲେ। ଏ ନେଇ ରବିନ୍ଦ୍ର ବଡ଼ଭାଇ ଓ ଭିଣୋଇଙ୍କ ବିରୋଧରେ ଅଭିଯୋଗ କରିବା ପରେ ପୋଲିସ ବଡ଼ଭାଇଙ୍କୁ ଗିରଫ କରିଥିଲା ବେଳେ ଭିଣୋଇ ଫେରାର ଥିବା ଜଣାପଡ଼ିଛି ।

### ଯୁବକଙ୍କ ଆତ୍ମହତ୍ୟା

ଜଗନ୍ନାଥପ୍ରସାଦ, ୧୦।୭
(ବିଭୁ ପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଚଢିଆପଲ୍ଲୀ ଗ୍ରାମର ସାଇବ ନାଇକ ଘରୋଇ କଳିକୁ କେନ୍ଦ୍ରକରି ମଙ୍ଗଳବାର ରାତିରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ସାଇବ ବାହାରେ କାମ କରୁଥିଲା ବେଳେ ଦୁଇ ଦିନ ତଳେ ଘରକୁ ଆସିଥିଲେ। ମଙ୍ଗଳବାର ରାତିରେ ଘରେ ଖାଇପିଇ ଶୋଇବାକୁ ଯାଇଥିଲେ। ପରେ ସ୍ତ୍ରୀ ଶୋଇବାକୁ ଯିବା ବେଳେ ସାଇବ ଘର ଭିତରେ ବେକରେ ତାର ଗୁଡ଼ାହୋଇ ଆଚେତ ଅବସ୍ଥାରେ ତଳେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ଲୋକେ ଭର୍ତ୍ତି କରିଥିଲେ। ବିଳମ୍ବିତ ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


ନୟାଗଡ଼ ଗୁଣ୍ଡିଚା ମନ୍ଦିରରେ ବୁଧବାର ଶ୍ରୀଜୀଉଙ୍କ କାଞ୍ଚି ଅଭିଯାନ ବେଶ।

## କାଞ୍ଚି ଅଭିଯାନ ବେଶରେ ଶ୍ରୀଜୀଉ

ନୟାଗଡ଼,୧୦।୭(ଲୋକନାଥ ମିଶ୍ର)

ମହାପ୍ରଭୁଙ୍କ ଦର୍ଶନ ପାଇଁ ନୟାଗଡ଼ ଗୁଣ୍ଡିଚା ମନ୍ଦିରରେ ସନ୍ଧ୍ୟା ହେଲେ ଭିଡ଼ ଲାଗି ରହୁଛି । ବୁଧବାର ଶ୍ରୀଜୀଉ କାଞ୍ଚି ଅଭିଯାନ ବେଶରେ ଦର୍ଶନ ଦେଇଛନ୍ତି । ଗୁଣ୍ଡିଚା ମନ୍ଦିରରେ ଭଜନ କୀର୍ତ୍ତନ ଲାଗି ରହିଛି । ଅନ୍ୟପକ୍ଷେ ଜିଲା ପାଠଗାର ସମ୍ମୁଖରେ ନୟାଗଡ଼ ସଙ୍ଗୀତ ଧାରା ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବର୍ଷା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା ।

## ତାରକସୀ ବିକାଶ କର୍ମଶାଳାରେ ପାରଦର୍ଶିତା ଦେଖାଇଲେ ରାଜେଶ


କର୍ମଶାଳାରେ ଯୋଗଦେଇଥିବା ରାଜେଶ କୁମାର ଦାସ।

ଖଣ୍ଡପଡ଼ା,୧୦।୭(ଅଜୟ କୁମାର ମହାରଣା)

ପଶ୍ଚିମବଙ୍ଗ କାଲିମପଙ୍ଗ ଜିଲାରେ ଆୟୋଜିତ ୨୫ ଦିନିଆ କର୍ମଶାଳାରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ଖୁଦବେହେରା ପାଟଣା ଗ୍ରାମର ସୁନା ରୁପା କାରିଗର ରାଜେଶ କୁମାର ଦାସ ପ୍ରଶିକ୍ଷକ ଭାବେ ଯୋଗଦେଇ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ରାଜେଶ ସୁନାରୁପା ତାରକସୀ କାମରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ପ୍ରଶଂସିତ ହେବା ସହ ଖଣ୍ଡପଡ଼ା ପାଇଁ ଗୌରବ ଆଣିଛନ୍ତି।

ସୂଚନାଯୋଗ୍ୟ, ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟ ଅଧୀନ ଡେଭଲପମେଣ୍ଟ କମିଶନର(ହାଣ୍ଡିକ୍ରାଫ୍ଟ) ପକ୍ଷରୁ ପଶ୍ଚିମବଙ୍ଗର କାଲିମପଙ୍ଗ ଜିଲାରେ ସୁନାରୁପା ତାରକସୀ କାର୍ଯ୍ୟ ତାଲିମର ଡିଜାଇନ ଓ ପ୍ରଯୁକ୍ତି ବିଦ୍ୟା ବିକାଶ କର୍ମଶାଳାରେ ରାଜେଶ ମାଷ୍ଟରକ୍ରାଫ୍ଟସମ୍ୟାନ ଭାବେ ଯୋଗଦେଇଥିଲେ । ଏହି ଅବସରରେ ସେ ୩୦ଜଣ ଅନୁସୂଚିତ ଜାତିର ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରିଥିଲେ । ଆୟୋଜିତ ଏହି କର୍ମଶାଳାରେ ପ୍ରଶିକ୍ଷକ ଭାବେ ରାଜେଶ ଯୋଗଦେଇ ନୂତନ ପ୍ରଣାଳୀରେ କିପରି ସୁନା, ରୁପା ତାରକସୀ କାର୍ଯ୍ୟ କରିହେବ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ, ରାଜେଶ ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ, କଂସା ଓ ପିତଳ ଧାତୁରେ ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟର ଗହଣା,ମୁକୁଟ ଆଦି ତିଆରି କରି ସୁନାମ ଅର୍ଜନ କରିଛନ୍ତି। ଏଥି ସହିତ ସେ ଯୁବତୀ ଯୁବକମାନଙ୍କୁ ତାଲିମ ଦେଇ ଜଣେ କୁଶଳୀ କାରିଗର ଭାବେ ସ୍ଥାନୀୟ ଅଞ୍ଚଳରେ ନୂଆ ପରିଚୟ ସୃଷ୍ଟି କରି ପାରିଛନ୍ତି । ଲୋପ ପାଇ ଯାଉଥିବା କଳାକୃତି ଓ ପାରମ୍ପାରିକ କଳାକୁ ବଞ୍ଚାଇ ରଖିବା ପାଇଁ ରାଜେଶ ଉଦ୍ୟମ ଜାରି ରଖିଛନ୍ତି ।

## ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

### ଖବରଦାତାଙ୍କୁ ନୟାଗଡ଼ ଏସ୍‌ପିଙ୍କ ଦୁର୍ବ୍ୟବହାର ଘଟଣା

ଭୁବନେଶ୍ୱର,୧୦।୭(ସତ୍ୟଜିତ୍ ରାଉତ)

ଧରିତ୍ରୀ ଖବରଦାତା ଲୋକନାଥ ମିଶ୍ରଙ୍କୁ ନୟାଗଡ଼ ଏସ୍‌ପି ରାହୁଲ ଜୈନ ନିଜ କାର୍ଯ୍ୟାଳୟ ଚାମ୍ବରକୁ ଡାକି ଦୁର୍ବ୍ୟବହାର କରିବା ଘଟଣା ଇତିମଧ୍ୟରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ଏସ୍‌ପିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ବୁଧବାର ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଛନ୍ତି। କମିଶନଙ୍କ ପକ୍ଷରୁ ଏହି ଅଭିଯୋଗପତ୍ରକୁ ଗ୍ରହଣ କରାଯାଇ ଡାଏରୀ ନଂ (୧୦୬୭୧/ଆଏନ୍/୨୦୨୪) ରୁଜୁ କରାଯାଇଛି। ଜୟନ୍ତ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ନୟାଗଡ଼ ଏସ୍‌ପି ସରକାରୀ ସେବାରେ ରହି ଗଣମାଧ୍ୟମର କଣ୍ଠରୋଧ କରିଛନ୍ତି। ଏସ୍‌ପିଙ୍କ ଚାମ୍ବରର ସିସିଟିଭି ଫୁଟେଜ୍ ଜବତ କରାଯାଉ। ଏହି ଘଟଣାରେ ମୁଖ୍ୟ ଶାସନ ସଚିବ ନିରପେକ୍ଷ ତଦନ୍ତ କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଏଥିସହ ଖବରଦତା ଲୋକନାଥଙ୍କୁ ମାନସିକ ନିର୍ଯାତନା ଦିଆଯାଇଥିବାରୁ ତାଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଦିଆଯାଉ। ଏହି ଟଙ୍କା ଏସ୍‌ପିଙ୍କଠାରୁ ଏକକାଳୀନ ଆଦାୟ କରାଯାଉ ବୋଲି ଜୟନ୍ତ ଅଭିଯୋଗରେ ଦର୍ଶାଇଛନ୍ତି।

ଉଲ୍ଲେଖଯୋଗ୍ୟ, ରଥଯାତ୍ରା ସମ୍ପର୍କରେ ସୂଚନା ଦିଆଯିବା ନିମନ୍ତେ ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ପକ୍ଷରୁ ସ୍ଥାନୀୟ ଜିଲା ପୋଲିସ କାର୍ଯ୍ୟାଳୟରେ ଶନିବାର ଅପରାହ୍ଣ ୪ଟାରେ ଖବରଦାତାମାନଙ୍କୁ ଡକାଯାଇଥିଲା। ଏନେଇ ପୋଲିସ ଓ ସାମ୍ବାଦିକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଇ-ଇନ୍‌ଭିଟେଶନ ପୋଷ୍ଟ କରାଯାଇଥିଲା। ହେଲେ ଏହି ଖବରଦାତା ସମ୍ମିଳନୀକୁ ଏସ୍‌ପି ଆସି ନ ଥିଲେ। ପରବର୍ତ୍ତୀ ସମୟରେ ୩୦ ମିନିଟ୍ ମଧ୍ୟରେ ପହଞ୍ଚିବେ ବୋଲି ଏସ୍‌ପି କହି ମଧ୍ୟ ଆସିଲେନାହିଁ। ଫଳରେ ଖବରଦାତାମାନେ ଅପେକ୍ଷା କରି ଫେରିଥିଲେ। ଏନେଇ ରବିବାର(ଜୁଲାଇ ୭) ଧରିତ୍ରୀରେ 'ଖବରଦାତା ସମ୍ମିଳନୀ ଡାକିଲେ, ଆସିଲେ ନାହିଁ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଅନ୍ୟ ଏକ ଖବରକାଗଜରେ ମଧ ଏ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଏହାପରେ ଏସ୍‌ପି ଜୈନ୍ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ରବିବାର ପୂର୍ବାହ୍ନରେ ଧରିତ୍ରୀ ଖବରଦାତା ଲୋକନାଥ ମିଶ୍ର ଏବଂ ଅନ୍ୟ ଏକ ଖବରକାଗଜର ଖବରଦାତାଙ୍କୁ ଏସ୍‌ପି ନିଜ କାର୍ଯ୍ୟାଳୟକୁ ଡକାଇ ଦୁର୍ବ୍ୟବହାର କରିବା ସହ ଭୁଲ୍ ମାଗିବାକୁ ବାଧ କରାଇଥିଲେ। ଏପରି କି ବସିବା ଏବଂ କଥା କହିବାର ସୁଯୋଗ ନ ଦେଇ ବାଡ଼େଇବି, ବାନ୍ଧିଦେବି ବୋଲି ଧମକ ଦେଇଥିଲେ। ପୋଲିସକୁ ଅଶ୍ଳୀଳ ଗାଳିଗୁଲଜ କରିଛ ଦର୍ଶାଇ କେସ୍ କରିବି ବୋଲି ମଧ ଏସ୍‌ପି କହି ଖବରାଦାତାଙ୍କୁ ଦୁର୍ବ୍ୟବହାର କରିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

ନୂଆଗାଁ,୧୦।୭(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁର ପାଟୁଳିସାହିର ଜଣେ ଯୁବକ ବୁଧବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି । ମୃତକ ହେଲେ କାଳିଆ ସାହୁ( ୪୦) । ସୂଚନା ଅନୁଯାୟୀ,ମହିପୁର ପାଟୁଳିସାହିର କାଳିଆ ପ୍ରତିଦିନ ପରି ବୁଧବାର ଭୋର ସମୟରେ ଫୁଲ ତୋଳିସାରି ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ପୋଖରୀରେ ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ । ଗ୍ରାମର କେତେଜଣ ବ୍ୟକ୍ତି ସକାଳୁ ଗାଧୋଇବା ପାଇଁ ଉକ୍ତ ପୋଖରୀକୁ ଯାଇଥିଲେ । କାଳିଆ ପୋଖରୀରେ ବୁଡ଼ି ରହିଥିବା ଦେଖି ସେମାନେ ଗ୍ରାମବାସୀଙ୍କୁ ଜଣାଇଥିଲେ । ଏହାପରେ କାଳିଆଙ୍କୁ ପୋଖରୀରେ ଖୋଜା ପଡିଥିଲା । ତାଙ୍କୁ ପାଣିରୁ ଉଦ୍ଧାର କରି ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ମୋବାଇଲ ଚୋରଠାରୁ ୬ ସାଇକେଲ ଜବତ



ଗିରଫ ଅଭିଯୁକ୍ତ, ଜବତ ସାଇକେଲ।

ନୟାଗଡ଼,୧୦।୭(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ପୋଲିସ ମୋବାଇଲ ଚୋରଙ୍କୁ ଗିରଫ କରୁ କରୁ ସାଇକେଲ ଚୋରିର ପର୍ଦ୍ଦାଫାଶ କରିଛି । ମୋବାଇଲ ଓ ସାଇକେଲ ଚୋରି ଅଭିଯୋଗରେ ପୋଲିସ ନୟାଗଡ଼ ରାମେଶ୍ୱରସାହିର କାଳିଆ ଆଚାରି(୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ, ଗତ ୯ ତାରିଖରେ ଇଟାମାଟି ଥାନା ବାଲିକୁଦିଆ ଗାଁର ପ୍ରଭାକର ପ୍ରଧାନ ଓ ତାଙ୍କ ସ୍ତ୍ରୀ ଉର୍ମିଳା ପ୍ରଧାନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ । ଉର୍ମିଳା ଫୋନରେ କଥା ହେଉଥିବାବେଳେ କାଳିଆ ତାଙ୍କ ଫୋନ ଛଡାଇ ନେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ୨୪୮/୨୪ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ପରେ ସାଇକେଲ ଜବତ ପରେ ୨୪୯/୨୪ ଓ ୨୫୦ /୨୪ରେ ଦୁଇଟି ମାମଲା ରୁଜୁ କରି ଚଳାଇଛି। ଅପରପକ୍ଷେ କାଳିଆଙ୍କ ନାମରେ ପୂର୍ବରୁ ଟାଉନ ଥାନାରେ ମାମଲା ରହିଛି ବୋଲି ପୋଲିସକୁ ସୂଚନା ମିଳିଛି ।

## ମହୀପୁର-ବାହାଡ଼ାଝୋଲା ରାସ୍ତାରେ ବୋମାମାଡ଼, ଲୁଟ

ନୂଆଗାଁ,୧୦।୭(ଧନେଶ୍ୱର ସାହୁ)


ଆକ୍ରମଣର ଶିକାର ହୋଇଥିବା ଦମ୍ପତିଙ୍କୁ ପୋଲିସ ପଚାରାଉଚରା କରୁଛି ।

ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ମହିପୁର-ବାହାଡାଝୋଲା ରାସ୍ତା ରାଣୀଗାଡିଆ ନିକଟରେ ବୁଧବାର ବୋମାମାଡ଼ କରି ଡକାୟତି ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ନୟାଗଡ଼ ଏସ୍‌ଡିପିଓ ଓ ନୂଆଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ସୂଚନା ମୁତାବକ, ଓଡ଼ଗାଁ ଥାନା କୁରାଳ ଅଞ୍ଚଳର ଗୋକୁଳାନନ୍ଦ ନିଶ ସ୍ତ୍ରୀଙ୍କ ସହ ଗଣିଆ ଯାଇଥିଲେ । ନିଜର କାମ ସାରି ବୁଧବାର ମହିପୁର-ବାହାଡାଝୋଲା ରାସ୍ତା ଦେଇ ଗାଁଅଭିମୁଖେ ଫେରୁଥିଲେ। ଅପରାହ୍ନ ୨.୩୦ ସମୟରେ ରାଣିଗାଡିଆ ଅତିକ୍ରମ କରୁଥିବା ସମୟରେ ଗୋକୁଳାନନ୍ଦଙ୍କ ବାଇକ୍ ପଛପଟୁ ଗୋଟିଏ ବାଇକ୍‌ରେ ୩ ଯୁବକ ଆସି ତାଙ୍କ ଗାଡି ଅଟକାଇବା ପାଇଁ ଗୋକୁଳଙ୍କୁ କହିଥିଲେ । ସେ ଗାଡ଼ି ନ ଅଟକାଇବାରୁ ସେହି ଯୁବକମାନେ ନିଜ ବାଇକ୍‌କୁ ଆଣି ଗୋକୁଳଙ୍କୁ ଗାଡ଼ି ଆଗରେ ରଖି ଦେଇଥିଲେ। ଫଳରେ ଏହି ଦମ୍ପତି ଭାରସାମ୍ୟ ହରାଇ ତଳେ ପଡି ଯାଇଥିଲେ। ଏହି ସୁଯୋଗରେ ଜଣେ ଗୋକୁଳଙ୍କ ବେକରେ ଛୁରି ଲଗାଇ ଯାହା ରଖିଛ ଦେଇ ଦିଅ ବୋଲି କହିଥିଲେ। ସେମାନେ ଗୋକୁଳଙ୍କ ସ୍ତ୍ରୀ ଧରିଥିବା ଭ୍ୟାନିଟ ଛଡାଇ ନେଇଥିଲେ। ଏହି ସମୟରେ ଦୁଇଜଣ ଯୁବକ ସେହି ରାସ୍ତାରେ ଆସୁଥିଲେ । ଗୋକୁଳ ସେମାନଙ୍କୁ ସାହାଯ୍ୟ ମାଗିବାରୁ ଯୁବକଦ୍ୱୟ ବାଇକ୍ ରଖି ଘଟଣାସ୍ଥଳକୁ ଆସୁଥିବା ଦେଖି ଲୁଟେରାମାନେ ବୋମାମାଡ଼ କରିଥିଲେ । ଏଭଳି କିଛି ସମୟ ଧରି ଆତଙ୍କ ସୃଷ୍ଟି କରିବା ପରେ ସେମାନେ ଭ୍ୟାନିଟ ନେଇ ପଳାଇ ଯାଇଥିଲେ । ଏହି ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଓ ନୂଆଗାଁ ଥାନା ପୋଲିସ ପହଞ୍ଚି ଆକ୍ରମଣର ଶିକାର ହୋଇଥିବା ଦମ୍ପତିଙ୍କୁ ପଚରାଉଚରା କରିଛନ୍ତି । ଗୁରୁବାର ସାଇଣ୍ଟିଫିକ୍ ଟିମ୍ ଆଣି ତଦନ୍ତ କରାଯିବ ବୋଲି ଏସ୍‌ଡିପିଓ ସୁଦର୍ଶନ ଗଙ୍ଗାଇ କହିଛନ୍ତି । ଲୁଟେରାମାନେ ପ୍ରକୃତରେ ବୋମା ଫୋପାଡି ଥିଲେ ନା କେବଳ ଭୟଭୀତ କରିବା ପାଇଁ ପଟାସ ବାଣ ବ୍ୟବହାର କରିଥିଲେ ତାହା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି ।

**ସଂକ୍ଷେପରେ**

## ରଥଯାତ୍ରାରେ ସେବାକାର୍ଯ୍ୟ କଲା ମହାବାହୁ ଗ୍ରୁପ୍

**ଚଣ୍ଡିଖୋଲ,୧୦।୭(ପ୍ରଦୀପ୍ତ କୁମାର ପୃଷ୍ଟି):**

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ପୁରୀ ସେବା ସମିତି ଓ ମହାବାହୁ ଗ୍ରୁପ୍ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ ଭକ୍ତମାନଙ୍କୁ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ସେବା ଓ ସହାୟତା ପ୍ରଦାନ କରାଯାଇଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଅଞ୍ଚଳର ମହାବାହୁ ଗ୍ରୁପ୍ ଓଡ଼ିଶା ଟ୍ରଷ୍ଟର ସ୍ୱେଚ୍ଛାସେବୀମାନେ ୬ ବର୍ଷ ଧରି ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ପର୍ଯ୍ୟନ୍ତ ଲକ୍ଷଲକ୍ଷ ଭକ୍ତଙ୍କୁ ବିଭିନ୍ନ ସେବା ଯୋଗାଇ ଦେଇ ଆସୁଛନ୍ତି। ସେମାନେ ଭକ୍ତଙ୍କୁ ଖାଦ୍ୟ ଓ ଜଳ ବଣ୍ଟନ କରିବା ସହ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇଥାନ୍ତି। ଭିଡ଼ ନିୟନ୍ତ୍ରଣ କରିବା ସହ ସୂଚନା କେନ୍ଦ୍ର ମାଧ୍ୟମରେ ଭକ୍ତଙ୍କୁ ସହାୟତା କରିଥାନ୍ତି। ଏଥିସହିତ ବିଭିନ୍ନ ସ୍ଥାନ ମଧ୍ୟ ସଫେଇ କରିଥାନ୍ତି। ଚଳିତ ବର୍ଷ ସାରା ରାଜ୍ୟରୁ ୪୩୧ଜଣ ସ୍ୱେଚ୍ଛାସେବୀ ସେବା ଆସି ସେବା ପ୍ରଦାନ କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଶିବପ୍ରସାଦ ସମାଲଙ୍କ ନେତୃତ୍ୱରେ ଉଭୟ ମହିଳା ଓ ପୁରୁଷ ସ୍ୱେଚ୍ଛାସେବୀମାନେ ପୁରୀ ସେବା ସମିତି କାର୍ଯ୍ୟାଳୟରେ ରହି ୩ଦିନ ବଡ଼ଦାଣ୍ଡରେ ସେବା ପ୍ରଦାନ କରିଛନ୍ତି।

# ଉଠାଜଳସେଚନ ପ୍ରକଳ୍ପର ବିଦ୍ୟୁତ୍ ତାର ଚୋରି

■ ଚାଷ କାର୍ଯ୍ୟ ବାଧାପ୍ରାପ୍ତ
■ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଦାବିପତ୍ର

**ଯାଜପୁର ଟାଉନ,୧୦।୭ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଉଠାଜଳସେଚନ ପ୍ରକଳ୍ପର ବିଦ୍ୟୁତ୍ ତାର ଚୋରି ହୋଇଯାଇଛି। ଏନେଇ କୋରେଇ ବ୍ଲକ୍ ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ୍‌ର ମୁକୁନ୍ଦପୁର ପଞ୍ଚାୟତର ୪୩ କ୍ଲଷ୍ଟର ଓ ବୋର୍‌ୱେଲ, କରଦା ପଞ୍ଚାୟତର କଳସା ଓ ରାଣୀଗୋଡା ଗ୍ରାମର ପ୍ରାୟ ୨୦ କ୍ଲଷ୍ଟର ଓ ବୋରୱେଲକୁ ବିଦ୍ୟୁତ୍ ସଂଯୋଗ କରୁଥିବା ୧୧ କେ.ଭି. ବିଦ୍ୟୁତ୍ ତାର ୧୦ ଦିନରୁ ଉର୍ଦ୍ଧ୍ୱ ହେବ ଚୋରି ହୋଇଯାଇଛି। ଏ ସମ୍ପର୍କରେ ଚାଷୀମାନେ କୋରେଇ ବିଦ୍ୟୁତ୍ ବିଭାଗ ଓ ପାଣିକୋଇଲି ଥାନାରେ ଏତଲା ପ୍ରଦାନ କରିଛନ୍ତି। ଏପରି କି ବିଦ୍ୟୁତ୍ ବିଭାଗର ପରାମର୍ଶ ଅନୁସାରେ ସମସ୍ତ କାର୍ଯ୍ୟକ୍ରମ କରିଛନ୍ତି। ହେଲେ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ୬୦୦ ଏକରରୁ ଉର୍ଦ୍ଧ୍ୱ ଚାଷଜମିରେ ଚାଷ କାର୍ଯ୍ୟ ହୋଇପାରୁନାହିଁ। ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ଓ ଜଳସେଚନରେ ଉପଭୋକ୍ତ ଅସୁବିଧା ପାଇଁ ଚାଷୀ ମୁଣ୍ଡରେ ହାତ ଦେଇବସିଛନ୍ତି। ତୁରନ୍ତ ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଭକ୍ତବତ୍ସଳ ସ୍ୱାଇଁ, ବଳରାମ ସାହୁ, ସନ୍ତୋଷ କୁମାର ପଣ୍ଡା, ବ୍ରଜକିଶୋର ସାହୁ, ଗଣେଶ ଚନ୍ଦ୍ର ସାହୁ, ମାୟାଧର ସାହୁ, ଗୋଲଖ ଜେନା, ସାରଙ୍ଗ ପ୍ରଧାନ, ଗୌରୀଶଙ୍କର ମହାପାତ୍ର, ମନୋରଞ୍ଜନ ମହାପାତ୍ର, ମିର୍ଜା ହବିବୁର ବେଗ୍, ଗଜେନ୍ଦ୍ର ମହାରଣା, ଭଗବାନ ମହାପାତ୍ର, ବିରେନ୍ଦ୍ର ବେହେରା ଓ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଚାଷୀମାନେ।

## ବିଞ୍ଝାରପୁର ପଞ୍ଚାୟତ ସମିତିର ସାଧାରଣ ବୈଠକ

**ବିଞ୍ଝାରପୁର,୧୦।୭(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ପଞ୍ଚାୟତ ସମିତିର ୭ମ ସାଧାରଣ ବୈଠକ ବୁଧବାର ପୂର୍ବାହ୍ନରେ ସମିତି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବିଡିଓ ଦିବ୍ୟେନ୍ଦୁ ଦାସ, ଉପାଧ୍ୟକ୍ଷ ସେକ. ଇର୍ସାଦ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିରେ ସ୍ଥାନୀୟ ସମସ୍ୟା, କେନ୍ଦ୍ରୀୟ ଅନୁଦାନ ପାଇବାରେ ବିଳମ୍ବ, ବ୍ୟାପକ ଚାରାରୋପଣ,ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କମ ମଜୁରୀକୁ ନେଇ ବିଷଦ ଆଲୋଚନା କରାଯାଇଛି। ବୈଠକରେ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଖଗେଶ୍ୱର ମହାନ୍ତି, ସଭ୍ୟା ଅହଲ୍ୟା ସ୍ୱାଇଁ ଓ ସୁନିତା ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବିଧାୟିକା ପ୍ରମିଳା ମଲ୍ଲିକ ଏବଂ ଅନ୍ୟମାନେ।

## ବରୁଣେଶ୍ୱର ମହାବିଦ୍ୟାଳୟରେ ବନ ମହୋତ୍ସବ

**ବିଞ୍ଝାରପୁର,୧୦।୭(ରାମକୃଷ୍ଣ ଦାସ):**

ଯାଜପୁର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଯୁକ୍ତ ୨, ଯୁକ୍ତ ୩ ଜାତୀୟ ସେବା ଯୋଜନା, ରେଡ୍‌କ୍ରସ୍, ଭାରତ ସ୍କାଉଟ ଓ ଗାଇଡ ଓ ଇକୋ କ୍ଲବ୍ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ଓ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ବିଦ୍ୟୁରେଖା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ଡ. ବଟକୃଷ୍ଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣର ଆବଶ୍ୟକତା ଓ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଛାତ୍ରୀଛାତ୍ରଙ୍କୁ ବ୍ୟାପକ ବୃକ୍ଷରୋପଣ କରିବାପାଇଁ ଶପଥପାଠ କରାଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟାଧିକାରୀ ବାସୁଦେବ ମଲ୍ଲିକ, ମୋନାଲିସା ନାୟକ, ଡ. ଦୀପକ ଜେନା, ରେଡ୍‌କ୍ରସର କାର୍ଯ୍ୟାଧିକାରୀ କୃଷ୍ଣଚନ୍ଦ୍ର ଜେନା, ସ୍କାଉଟ ଓ ଗାଇଡର କାର୍ଯ୍ୟାଧିକାରୀ ମଧୁସ୍ମିତା ସାମଲ, ବିଜୟକୃଷ୍ଣ ଦାଶ, ଅନ୍ୟମାନଙ୍କ ମଧ୍ୟରେ ମନସ୍ୱିନୀ ବେହେରା, ବଳରାମ ବେହେରା, ରାଜେଶ୍ୱରୀ ମିଶ୍ର ଓ ରିତେଶ ବିଶ୍ୱାଳ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ମିହିର ବିକାଶ ମହାନ୍ତି, ଅନିରୁଦ୍ଧ ସାହୁ, ଦୁର୍ଗାମାଧବ ପତି, ନୃସିଂହ ଧଳ, ଜାହାଙ୍ଗିର ଖାନ ଓ ସୌମ୍ୟରଞ୍ଜନ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ସାହିତ୍ୟ ସଂସ୍କୃତି ଓ ଓଡ଼ିଆ ଭାଷା ପ୍ରତିଯୋଗିତା


ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**ଯାଜପୁର,୧୦।୭(ହର୍ଷବର୍ଦ୍ଧନ ବେହେରା):**

ଜିଲା ସଂସ୍କୃତି ପରିଷଦ ଓ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଯାଜପୁର ସହର ସ୍ଥିତ ମ୍ୟୁନିସିପାଲ ହାଇସ୍କୁଲରେ ଜିଲାସ୍ତରୀୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ୧୦ଟି ବ୍ଲକରୁ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଓଡ଼ିଆ ବକ୍ତୃତା, ଓଡ଼ିଆ ପ୍ରବନ୍ଧ, କବିତା ଆବୃତ୍ତି, ସାଧାରଣ ଜ୍ଞାନ ସହ ଇଂଲିଶରୁ ଓଡ଼ିଆ ଅନୁବାଦ ପ୍ରତିଯୋଗିତା ହୋଇଥିଲା। ଏଥିରେ ପଣ୍ଡିତ ଜ୍ଞାନରଞ୍ଜନ ପତି, ବିଷ୍ଣୁ ଚରଣ ଲେଙ୍କା, ମନ୍ମଥ ରାୟ, ଅଧ୍ୟାପକ ଅକ୍ଷୟ କୁମାର ପଣ୍ଡା ବିଚାରକ ଭାବେ ଯୋଗଦାନ କରିଥିଲେ। ଅପରାହ୍ନରେ ଜିଲା ବିଜ୍ଞାନ ପରିଦର୍ଶକ କୁମାରସେନ ସେନାପତିଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା ମୁଖ୍ୟଅତିଥି ଓ ଅଧ୍ୟାପକ ଅକ୍ଷୟ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠି, ସହକାରୀ ଶିକ୍ଷକ ହେମନ୍ତ ସାହୁ, ପ୍ରତାପ କୁମାର ମିଶ୍ର, ଇପ୍ସିତା ସାହୁ, ସୋମ୍ୟାରାଣୀ ପ୍ରମୁଖ ସହଯୋଗ କରିଥିଲେ।

## ସାଇ ନେତ୍ର ମନ୍ଦିରର ବାର୍ଷିକ ଉତ୍ସବ

**ଚଣ୍ଡିଖୋଲ,୧୦।୭(ପ୍ରଦୀପ୍ତ କୁମାର ପୃଷ୍ଟି):**

ଚଣ୍ଡିଖୋଲସ୍ଥିତ ସାଇ ନେତ୍ର ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ପ୍ରତିଷ୍ଠାତା ଚକ୍ଷୁ ଚିକିତ୍ସକ ଡାକ୍ତର ବିଶ୍ୱଜିତ ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡାକ୍ତର ବିଷ୍ଣୁପ୍ରସାଦ ରଥ ଯୋଗଦେଇ ସାଇ ନେତ୍ର ମନ୍ଦିର ଚକ୍ଷୁ ଚିକିତ୍ସା କ୍ଷେତ୍ର ଲୋକମାନଙ୍କ ସହଯୋଗରେ ଆଜି ସଫଳତା ହାସଲ କରିଛି ବୋଲି କହିଥିଲେ। ଡାକ୍ତର ମେଘଜିତ ପାତ୍ର ଯୋଗଦେଇ ସର୍ବୋଚ୍ଚ ଗୁଣବତ୍ତା ଏବଂ ରୋଗୀ ନିରାପତ୍ତା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଶ୍ରୀମନ୍ତ କୁମାର ସାହୁ, ଅର୍ଚ୍ଚନା ବେହେରା, ଭାରତୀ ସାହୁ, ଶୁଭଦ୍ରା ବେହେରା, ବିଶ୍ୱବିଜୟୀ ପରିଡା, ପ୍ରମୋଦ କୁମାର ଦଳେଇ ଓ ବିଭୁ ପ୍ରସାଦ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସନ୍ଧ୍ୟା ସଗାରିକା ଦାସ ଧନ୍ୟବାଦ ଦେଇଥିଲେ।

## 'ସଫାଇ ଆପଣାଅ ବିମାରି ଭଗାଅ' ସଚେତନତା

**ଯାଜପୁରରୋଡ୍,୧୦।୭ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌର ପରିଷଦ ପକ୍ଷରୁ ବୁଧବାର 'ସଫାଇ ଆପଣାଅ ବିମାରି ଭାଗାଅ' ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏନେଇ ଏକ ସଚେତନତା ରାଲି ପୌର କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇ ସହରର ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ଆସିଥିଲା। ପୌର ନିର୍ବାହୀ ଅଧିକାରୀ ତରୁଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୌର କର୍ମଚାରୀ, ସ୍ୱଚ୍ଛ ସାଥୀ ଓ ସଫେଇ କର୍ମଚାରୀମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ସହରବାସୀଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିବା ସହ ରାସ୍ତାକୁ ଝାଡୁ ମାରି ସଫା କରିଥିଲେ। ନିଜ ଘର ଅଗଣା ସଫା ରଖିବା ସହ ସହରକୁ ପରିମଳ ମୁକ୍ତ ରଖିବାକୁ ନିବେଦନ କରିଥିଲେ। ପରିବେଶ ସ୍ୱଚ୍ଛ ରହିଲେ ଆମେ ରୋଗ ମୁକ୍ତ ରହିପାରିବା ବୋଲି ସହରବାସୀଙ୍କୁ ବାର୍ତ୍ତା ଦେଇଥିଲେ। ଘରର ବର୍ଜ୍ୟଗୁଡିକୁ ବାହାରେ ନ ପକାଇ ସଫେଇ ଗାଡ଼ିରେ ଅଳିଆ ଦେବା, ଘର ନିକଟରେ ବର୍ଷାପାଣି ଜମିବାକୁ ନ ଦେବା, ପୁରୁଣା ଟାୟାର ଓ ଅନାବଶ୍ୟକ ଜିନିଷ ବହୁଦିନ ଧରି ଗୋଟିଏ ସ୍ଥାନରେ ନ ରଖିବା ଆଦି ଉପରେ ସଚେତନ କରାଯାଇଥିଲା। ଏହି କର୍ଯ୍ୟକ୍ରମ ସମଗ୍ର ସହରରେ କରାଯିବ ବୋଲି ନିର୍ବାହୀ ଅଧିକାରୀ ମହାପାତ୍ର ସୂଚନା ଦେଇଥିଲେ। ଏହି ଅଭିଯାନରେ କାଉନସିଲର ଅଶୋକ ଦାସ, ରଶ୍ମିତା ରାଉତ, କାଉନସିଲରଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ରାଉତ, ସ୍ୱାସ୍ଥ୍ୟ ନିରୀକ୍ଷକ ମାଣିକ ରଞ୍ଜନ ନାୟକ, କିଶୋରୀ ଚନ୍ଦ୍ର ରାଉତ, ରୁଚି ପ୍ରିତମ ପୁହାଣ, ଜ୍ୟୋସ୍ନା ମୟୀ ସିଂ, ରିଚିସ୍ମିତା ମହାନ୍ତି ଓ ସତ୍ୟବ୍ରତ ବାଇ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଭଳି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ସମସ୍ତ କାଉନସିଲରଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ କରିଥିଲେ ମଧ୍ୟ ପୌର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ରଙ୍କ ବଳଙ୍କ ସମେତ ସଂଖ୍ୟାଧିକ କାଉନସିଲର ଯୋଗଦେଇ ନ ଥିଲେ। ପୌରାଧ୍ୟକ୍ଷା ସଂଗୀତା ପିଙ୍ଗୁଆ କାର୍ଯ୍ୟକ୍ରମ ଶେଷରେ ପହଞ୍ଚିଥିବାବେଳେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ ସେ ଅନୁପସ୍ଥିତ ରହିଥିଲେ। ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଅନୁପସ୍ଥିତ ସମ୍ପର୍କରେ କାଉନସିଲରମାନଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ପୌର କର୍ମଚାରୀ, ସ୍ୱଚ୍ଛ ସାଥୀ ଓ ସଫେଇ କର୍ମଚାରୀମାନେ ରାସ୍ତାକୁ ଝାଡୁମାରୁଛନ୍ତି।

# ଧର୍ମଶାଳାରେ ନାମ ଲେଖାଇଲେ ୫୬୩ ଛାତ୍ରୀଛାତ୍ର

**ଧର୍ମଶାଳା,୧୦।୭(ବଟକୃଷ୍ଣ ପରିଡ଼ା):**

**ଯୁକ୍ତ ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସରିଲା**

ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଯୁକ୍ତ ୩ ଡିଗ୍ରୀ କଲେଜଗୁଡ଼ିକରେ ଦ୍ୱିତୀୟ ଦଫା ନାମ ଲେଖା ବୁଧବାର ଶେଷ ହୋଇଛି। ଧର୍ମଶାଳା ବ୍ଲକର ୫ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ୧,୨୧୬ ସିଟ୍‌ଥିବାବେଳେ ପ୍ରଥମ ଦଫାରେ ୪୩୫ ଓ ଦ୍ୱିତୀୟ ଦଫାରେ ୧୨୮କୁ ମିଶାଇ ମୋଟ୍ ୫୬୩ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ନାମ ଲେଖାଇଛନ୍ତି। ଅଦ୍ୟାବଧି ବ୍ଲକର ୫ କଲେଜରେ ୬୫୩ ସିଟ ଖାଲି ରହିଥିବା ଜଣାଯାଇଛି। ଧର୍ମଶାଳା ଡିଗ୍ରୀ କଲେଜରେ କଳାରେ ୨୫୬ ସିଟ୍ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ଦଫାରେ ୧୪୭ ଜଣ ନାମ ଲେଖାଇଥିବାବେଳେ ୧୦୯ ସିଟ୍ ବଳକା ରହିଛି। ସେହିପରି ବିଜ୍ଞାନରେ ୧୬୦ ସିଟ୍ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ଦଫା ଶେଷ ସୁଦ୍ଧା ୫୭ ଜଣ ନାମ ଲେଖାଇଥିବାବେଳେ ୧୦୩ଟି ସିଟ ବଳକା ରହିଛି। ବାଣିଜ୍ୟରେ ୬୪ ସିଟ୍‌ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ଦଫାରେ ୧୫ ଜଣ ନାମ ଲେଖାଇଥିବାବେଳେ ୪୯ଟି ସିଟ୍ ବଳକା ରହିଛି। ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ କଳାରେ ୨୨୪ ସିଟ୍ ମଧ୍ୟରୁ ୯୯ ଜଣ ନାମ ଲେଖାଇଥିବାବେଳେ ୧୨୫ ସିଟ ବଳକା ରହିଛି। ଏହି କଲେଜରେ ବିଜ୍ଞାନରେ ୧୨୮ ସିଟ୍ ମଧ୍ୟରୁ ଅଦ୍ୟାବଧି ୫୦ ଜଣ ନାମ ଲେଖାଇଥିବାବେଳେ ୭୮ ସିଟ ବଳକା ରହିଛି। ଜଗନ୍ନାଥଜୀଉ ଡିଗ୍ରୀ କଲେଜରେ କଳାରେ ୬୪ ସିଟ୍ ମଧ୍ୟରୁ ଅଦ୍ୟାବଧି ୪୪ ଜଣ ନାମ ଲେଖାଇଥିବା ବେଳେ ୨୦ ସିଟ୍ ବଳକା ରହିଛି। ଧର୍ମଶାଳା ମହିଳା ଡିଗ୍ରୀ କଲେଜରେ କଳାରେ ୧୨୮ ସିଟ ମଧ୍ୟରୁ ଅଦ୍ୟାବଧି ୫୮ ଜଣ ନାମ ଲେଖାଇଥିବା ବେଳେ ୭୦ ସିଟ ବଳକା ରହିଛି। ଜେନାପୁର ଡିଗ୍ରୀ କଲେଜରେ କଳାରେ ୧୯୨ ସିଟ୍ ମଧ୍ୟରୁ ଅଦ୍ୟାବଧି ୯୩ ଜଣ ନାମ ଲେଖାଇଥିବାବେଳେ ୯୯ ସିଟ୍ ବଳକା ରହିଛି। ତୃତୀୟ ଦଫା ମେଧା ତାଲିକା ଆସନ୍ତା ୧୬ ତାରିଖ ଅପରାହ୍ନରେ ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧୮ରୁ ୨୨ ତାରିଖ ମଧ୍ୟରେ ନାମ ଲେଖାଇବେ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି


କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖାର ସଦସ୍ୟମାନେ।

**ଯାଜପୁରରୋଡ୍,୧୦।୭ (ପବିତ୍ର ରଞ୍ଜନ ମହାନ୍ତି):**

**ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ**

ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖାର ଏକ କାର୍ଯ୍ୟକାରିଣୀ ବୈଠକ ବୁଧବାର ବ୍ୟାସନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକଙ୍କ ସହ ଜିଲା କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ପୀତବାସ ଭୟାଁ ବିବରଣୀ ପାଠ କରିଥିଲେ। ବୈଠକରେ ଯାଜପୁର ଜିଲା ଶାଖାର ବାର୍ଷିକ ଉତ୍ସବ ପାଳନ ଓ ତତ୍‌ସହିତ ଖୁବଶୀଘ୍ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବ୍ୟାସନଗର କିମ୍ବା ଯାଜପୁର ଟାଉନଠାରେ ହେବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ, ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ ସହ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସେମାନଙ୍କ ମାତାପିତା ଓ ନିର୍ଭରଶୀଳ ସନ୍ତାନମାନଙ୍କୁ ସ୍ଥାନୀତ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲା। ବୈଠକରେ ଜିଲା ଉପସଭାପତି ପବିତ୍ର ରଞ୍ଜନ ମହାନ୍ତି, ଅଶୋକ କୁମାର ଦାସ, ରବିନାରାୟଣ ରଣା, କଳ୍ପତରୁ ପଣ୍ଡା, ରବୀନ୍ଦ୍ର କୁମାର ସାମଲ, ରଙ୍ଗବଲ୍ଲଭ ସାହୁ, ଶୁଭାଶିଷ ରାଉତ, ଯଜ୍ଞଦତ୍ତ ତ୍ରିପାଠୀ, ଲମ୍ବୋଦର ଦଳବେହେରା, ସୁକର୍ଣ୍ଣ ରାଉତ, ଆଶୁତୋଷ ମହାନ୍ତି, ଅସିତ କୁମାର ମହାନ୍ତ ଓ ପ୍ରମୋଦ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଦି କ୍ରିଏଟିଭ ହ୍ୟାଣ୍ଡସ୍‌ର ଝୋଟି, ଚିତ୍ରାଙ୍କନ କର୍ମଶାଳା

**ଚଣ୍ଡିଖୋଲ,୧୦।୭(ପ୍ରଦୀପ୍ତ କୁମାର ପୃଷ୍ଟି):**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ପ୍ରଫୁଲ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ଦି କ୍ରିଏଟିଭ ହ୍ୟାଣ୍ଡସ୍ ପକ୍ଷରୁ ଝୋଟି ଓ ଚିତ୍ରାଙ୍କନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟାଳୟ ବଡ଼ଚଣା ବ୍ଲକ ଅନ୍ତର୍ଗତ ନାନପୁରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ଆଶିଷ ସେନାପତି ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଓଡ଼ିଶାର ଗ୍ରାମ୍ୟ କଳାକୁ ଆହୁରି ଉନ୍ନତ କରିବା ସହ ବଞ୍ଚାଇ ରଖିବା ପାଇଁ ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ଏହି ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ଯୋଗଦେଇଥିବା ଶତାଧିକ ମହିଳାଙ୍କ ଝୋଟି ଓ ଚିତ୍ରାଙ୍କନକୁ ପ୍ରଦର୍ଶିତ କରାଯାଇଥିଲା। ଏହାପରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା, ଅସହାୟ ଲୋକଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶାନ୍ତିଲତା ଜେନା, ଲଗନ ମହାନ୍ତି, ସତ୍ୟଜ୍ୟୋତି ଭୂୟାଁ, ଅଜୟ ଜେନା ଓ ଝରଣା ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀବନ୍ତପୁରରେ ଧର୍ମଶାଳା ବିଧାୟକଙ୍କ ଜନଶୁଣାଣି

**ରସୁଲପୁର,୧୦।୭(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତର ଭଣ୍ଡାରିପଡ଼ା ଖେଳ ପଡ଼ିଆରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପକ୍ଷରୁ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗଗୁଡ଼ିକର ସମୀକ୍ଷା କରିଛନ୍ତି। ଆବାସ, ରାଶନକାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ସମୀକ୍ଷାବେଳେ ଗୁରୁତ୍ୱ ଦିଆଯାଇଛି। ଆବାସ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଇଥିବା ଶିବିରରେ ଅଭିଯୋଗ ହୋଇଛି। ସେହିପରି ୨୦୧୧ ଜନଗଣନା ଆଧାରରେ ରାଶନକାର୍ଡ ହୋଇଥିଲା। ଏହାରି ଭିତରେ ୧୪ବର୍ଷ ଅତିବାହିତ ହେବାକୁ ବସିଲାଣି। ବହୁ ନୂତନ ପରିବାର ସୃଷ୍ଟି ହେଲେଣି। ହେଲେ ସେମାନଙ୍କୁ ନୂତନ ରାଶନ କାର୍ଡ ମିଳି ପାରୁନାହିଁ। ଟାର୍ଗେଟ ଆସୁ ନ ଥିବାରୁ ଲୋକଙ୍କ ଆବେଦନକୁ ଯୋଗାଣ ବିଭାଗ ବିବେଚନାକୁ ନେଇ ପାରୁନାହିଁ। ବହୁ ଯୋଗ୍ୟ ପରିବାରର ନୂତନ ସଦସ୍ୟମାନଙ୍କ ନାମ ରାଶନ କାର୍ଡରେ ଯୋଡା ଯାଇପାରୁନାହିଁ। ଏଭଳି ସମସ୍ୟା ପ୍ରାୟତଃ ୫ବର୍ଷରୁ ଅଧିକ ହେବ ଲାଗି ରହିଛି। ବହୁ ବ୍ୟକ୍ତି ବ୍ଲକକୁ ଦୌଡ଼ାଦୌଡି କରିବା ସତ୍ତ୍ୱେ ବିଭାଗ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନାହିଁ ବୋଲି ଅଭିଯୋଗ କରିଛନ୍ତି। ଭତ୍ତା ସମ୍ପର୍କିତ ଅଭିଯୋଗର ଶୁଣାଣିବେଳେ ନୂତନ ଭତ୍ତା ପ୍ରଦାନ, ୮୦ବର୍ଷରୁ ଉର୍ଦ୍ଧ୍ୱଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ତୁରନ୍ତ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନିକ ଅଧିକାରୀମାନେ ସାଧାରଣ ଲୋକଙ୍କ ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରତ୍ୟେକ ଅଭିଯୋଗର ତଦନ୍ତ ରିପୋର୍ଟ ପ୍ରସ୍ତୁତ କରିବା ସହ ସମୀକ୍ଷାବେଳେ ଅଧିକାରୀମାନେ ତାକୁ ଉପସ୍ଥାପନ କରିବାକୁ କୁହାଯାଇଛି। ଏଥିରେ ଖିଲାପ ହେଲେ ବରଦାସ୍ତ କରାଯିବ ନାହିଁ ବୋଲି ବିଧାୟକ ସାହୁ ମତ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ୩୪ନମ୍ବର ଜୋନର ଯୁବ ସଭାପତି ଦେବୀପ୍ରସାଦ ସାମଲ, ଅକ୍ଷୟ ପଣ୍ଡା, ପ୍ରକାଶ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ବିଧାୟକଙ୍କୁ ମହିଳାମାନେ ଅଭିଯୋଗପତ୍ର ଦେଉଛନ୍ତି।

## ୪ ସପ୍ତାହରେ ରିପୋର୍ଟ ପାଇଁ ଏନ୍ଏଚଆର୍ସି ନିର୍ଦ୍ଦେଶ

### ସୁରଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟଣା

**କେନ୍ଦ୍ରାପଡ଼ା, ୧୦।୭ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ବେଣ୍ଣୁପଲ୍ଲୀ ଗ୍ରାମର ସଞ୍ଜୟ କୁମାର ସ୍ୱାଇଁ ଗୁଜରାଟର ସୁରଟର ପାଣ୍ଡେସରା ସୋନାଲ ଇଣ୍ଡଷ୍ଟ୍ରିଆଲ ସୋସାଇଟି ଅନ୍ତର୍ଗତ ସୂତାକଳରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମେ ୧୬ ତାରିଖରେ କାର୍ଯ୍ୟରତ ଅବସ୍ଥାରେ ବିଦ୍ୟୁତ ଆଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାରର ନିକଟତମ ସଦସ୍ୟଙ୍କୁ ଶ୍ରମିକଙ୍କ କ୍ଷତିପୂରଣ ଦାବିରେ ମାନବାଧିକାର କର୍ମୀ କେନ୍ଦ୍ରାପଡ଼ା ବ୍ଲକ ଏଣ୍ଡର ଗ୍ରାମର ସାଗର ଜେନା ଜାତୀୟ ମାନବାଧିକାର କମିଶନ (ଏନ୍ଏଚଆର୍ସି)ରେ ଏକ ମାମଲା ( ନଂ. ୬୨୭/୨୪) ରୁଜୁ କରିଥିଲେ। ଏହାକୁ ଶୁଣାଣି କରି ଗୁଜରାଟ ଲେବର କମିଶନଙ୍କୁ ଆସନ୍ତା ୪ ସପ୍ତାହ ମଧ୍ୟରେ ଏ ନେଇ ନିଆ ଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରିପୋର୍ଟ ଦେବାକୁ ଏନ୍ଏଚଆର୍ସି ପକ୍ଷରୁ ୮ ତାରିଖରେ ନୋଟିସ ହୋଇଛି। ଏ ସମ୍ପର୍କରେ ଅଭିଯୋଗକାରୀ ଜେନା କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ କର୍ମ ନିଯୁକ୍ତି ଏକ ବଡ଼ ସମସ୍ୟା। ପରିବାରର ଭରଣପୋଷଣ ପାଇଁ ବେଣ୍ଣୁପାଲି ଗ୍ରାମର ବଟ ସ୍ୱାଇଁଙ୍କ ଏକମାତ୍ର ପୁଅ ସଞ୍ଜୟ(୩୫) ସୁରଟର ସୂତାକଳରେ କାର୍ଯ୍ୟ କରୁଥିଲେ। ମେ ମାସରେ ତାଙ୍କର ମୃତ୍ୟୁ ପରିବାର ପାଇଁ ଏକ ଦୁଃଖଦ ସ୍ଥିତି ଆଣି ଦେଇଛି। ଆର୍ଥିକ ଦୁରାବସ୍ଥାରୁ ଶ୍ରମିକ ହୋଇଥିବା ସଞ୍ଜୟ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁ ପରେ ପରିବାର ସଦସ୍ୟଙ୍କୁ ଏ ନେଇ କ୍ଷତିପୂରଣ ଦେବାକୁ ଏନ୍ଏଚଆର୍ସିରେ ମାମଲା କରିଥିବା ସେ ପ୍ରକାଶ କରିଛନ୍ତି।

## ସିଡିପିଓ-ପଞ୍ଚାୟତ ପ୍ରତିନିଧି ମୁହାଁମୁହିଁ

### ନାଉଗାଁ ବ୍ଲକରେ ୬ଷ୍ଠ ପଞ୍ଚାୟତ ସମିତି ବୈଠକ

**ନାଉଗାଁ, ୧୦।୭ (ସୁଧା ବେହୁରା)**

ନାଉଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଅଧକ୍ଷା ତୃଷ୍ଣା ଲେଙ୍କାଙ୍କ ଅଧକ୍ଷତାରେ ୬ଷ୍ଠ ପଞ୍ଚାୟତ ସମିତି ବୈଠକ ବୁଧବାର ଆୟୋଜିତ ହୋଇଥିଲା। ଏଥିରେ ସିଡିପିଓ ବାସନ୍ତୀ ମାଇନ ଅଙ୍ଗନୱାଡି ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଡାବର ପଞ୍ଚାୟତର ସମିତିସଭ୍ୟ ସୁବଳ ବେହେରା ଅଙ୍ଗନୱାଡିରେ ପ୍ରଦାନ କରାଯାଉଥିବା ଅଣ୍ଡା, ଛତୁଆ ଠିକ୍ ଭାବେ ପ୍ରଦାନ କରାଯାଉ ନ ଥିବା, ଅଧିକାଂଶ ସମୟରେ କେନ୍ଦ୍ର ବନ୍ଦ ରହୁଥିବା, ପିଲାମାନଙ୍କୁ କଞ୍ଚା ଅଣ୍ଡା ପ୍ରଦାନ କରାଯାଉଥିବା ବିଷୟରେ ପ୍ରଶ୍ନ କରିଥିଲେ। ଏପରିକି ସିଡିପିଓ ଠିକ୍ ଭାବେ କେନ୍ଦ୍ରଗୁଡିକୁ ପରିଦର୍ଶନରେ ଯାଉ ନ ଥିବା କହିଥିଲେ। ଯଦି ସିଡିପିଓ ପରିଦର୍ଶନରେ ଯାଉଛନ୍ତି ତେବେ ତା'ର ଫଟୋ ଦେଖାନ୍ତୁ ବୋଲି କହିଥିଲେ। ସମିତିସଭ୍ୟ ବେହେରାଙ୍କ ପ୍ରଶ୍ନର ଉତ୍ତରରେ ଏମିତି ବେକାର କଥା କୁହନ୍ତୁ ନାହିଁ ପ୍ରତି ଅଙ୍ଗନୱାଡି ପରିଦର୍ଶନରେ ଯାଇଛି ବୋଲି ସିଡିପିଓ କହିବାରୁ ସମିତିସଭ୍ୟ ଏହାର ପ୍ରତିବାଦ କରିଥିଲେ। ଗୃହରେ ତାଙ୍କୁ ଅପମାନିତ କରାଯାଉଥିବା କହି ସମସ୍ତ ପଞ୍ଚାୟତ ପ୍ରତିନିଧିମାନେ ନିଜ ସ୍ଥାନରୁ ଉଠି ବାହାରକୁ ଯିବାକୁ ଉଦ୍ୟମ କରିଥିଲେ। ବିଡିଓ ତପନ ମାହାପାତ୍ର ସମସ୍ତଙ୍କୁ ବୁଝାଇବା ପରେ ପଞ୍ଚାୟତ ପ୍ରତିନିଧିମାନେ ନିଜ ସ୍ଥାନରେ ବସିଥିଲେ। ଶେଷରେ ସିଡିପିଓ ଗୃହରେ କ୍ଷମା ପ୍ରାର୍ଥନା ମାଗିଥିଲେ। ବୋଦଲ ଅଙ୍ଗନୱାଡି କେନ୍ଦ୍ର ଆଦୌ ଖୋଲା ଯାଉ ନ ଥିବା ଅଧକ୍ଷା ଲେଙ୍କା କହିଥିଲେ। ପଞ୍ଚାୟତ ପ୍ରତିନିଧିମାନେ ସିଡିପିଓଙ୍କୁ ଅଙ୍ଗନୱାଡି ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସିଡିପିଓ ଏହାର ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ।

ଖାଉଟି ସାମଗ୍ରୀ ବଣ୍ଟନ ସମୟରେ ଡିଲରମାନେ ହିତାଧିକାରୀଙ୍କୁ କମ୍ ଚାଉଳ ପ୍ରଦାନ କରାଯାଉଛି। ପ୍ରତି ଡିଲର ପଏଣ୍ଟରେ ଷ୍ଟକ ଯାଞ୍ଚ କରିବା, ଯେଉଁଦିନ ଡିଲର ପଏଣ୍ଟରେ ଟିପ ଛାପ ନିଆଯାଇଛି ସେହିଦିନ ଯୋଗାଣ ସାମଗ୍ରୀ ଯୋଗାଇ ଦେବା, ପ୍ରତ୍ୟେକ ଡିଲର ପଏଣ୍ଟରେ ବୋର୍ଡ ମାରିବା ପାଇଁ ନୂଆଗାଁ ସରପଞ୍ଚ ଦୋଳ ଗୋବିନ୍ଦ ରାଉଳ, ବଛାଲୋ ସମିତିସଭ୍ୟ



ବୈଠକରେ ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧି।

### ନଦୀବନ୍ଧରେ ଓଭର ଲୋଡିଂ ବାଲି ପରିବହନ ବନ୍ଦ ପାଇଁ ବିଡିଓଙ୍କ ନିର୍ଦ୍ଦେଶ

ଚନ୍ଦନ ଲେଙ୍କା, ଘୋଡାଂଶ ସରପଞ୍ଚ ନିହାର ରଞ୍ଜନ ବସ୍ତିଆ କହିଥିଲେ। ସେହିପରି ପୂର୍ବ ସରକାରଙ୍କ ସମୟରେ ପ୍ରତି ହିତାଧିକାରୀଙ୍କୁ ପ୍ରଦାନ କାରଯାଉଥିବା ୧ ହଜାର ଟଙ୍କା ଓ ବ୍ୟାଗ ବ୍ଲକରେ ଅନେକ ହିତାଧିକାରୀ ପାଇ ନ ଥିବା ଉପାଧ୍ୟକ୍ଷ ସୁଜିତ ପୁହାଣ କହିଥିଲେ। ବ୍ଲକରେ ସମୁଦାୟ ୭୪୯ଜଣ ହିତାଧିକାରୀ ୭ ଲକ୍ଷ ୪୯ ହଜାର ଟଙ୍କା ପାଇ ନ ଥିବା ଯୋଗାଣ ଅଧିକାରୀ ପ୍ରଦୀପ୍ତ ପ୍ରସନ୍ନ ନାୟକ କହିଥିଲେ। ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ବ୍ଲକରେ ୪ଟି ଡିଲର ପାଇଁ ନୋଟିସ ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥୁଆ ହୋଇଥିବା ଡଙ୍ଗାଗୁଡ଼ିକରେ ବର୍ଷାଦିନେ ପାଣି ଭର୍ତ୍ତି ହେବା ଯୋଗୁ ମଶା ସୃଷ୍ଟି ହେଉଥିବା ଘୋଡାଂଶ ସରପଞ୍ଚ ବସ୍ତିଆ କହିଥିଲେ। ଉକ୍ତ ଡଙ୍ଗାକୁ ଓଲଟାଇ ରଖିବାକୁ ବିଡିଓ ଡଙ୍ଗା ବାହକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବର୍ଷା ହେଲେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ଜଳ ନିଷ୍କାସନ ହୋଇ ପାରୁ ନ ଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡ୍ରେନଜ ବ୍ୟବସ୍ଥା କରିବାକୁ ଅଧୀକ୍ଷକ ଡା. ମାନସ ମହାପାତ୍ର ଗୃହରେ ଜଣାଇଥିଲେ। ସେହିପରି ଓଭରଲୋଡିଂ ବାଲି ଗାଡ଼ି ଯିବା ଦ୍ୱାରା ନଦୀ ବନ୍ଧ ନଷ୍ଟ ହେଉଛି। ସରକାରଙ୍କ ନିୟମାନୁସାରେ ଜୁନ ୧୦ରୁ ଅର୍ଥାତ ବର୍ଷାଦିନ ଆରମ୍ଭ ହେଲେ ବନ୍ଧରେ ଭାରିଯାନ ଯିବା ନିଷେଧ କରାଯାଇଛି। କିନ୍ତୁ ବାଲି ସଇରାତରୁ ଦିନରାତି ବାଲି ପରିବହନ ଯୋଗୁ ଗଳଦାରୀ, ଏରେଡା, ଶିଖର, ପୋକାମୂଳ ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ତେଣୁ ବାଲି ସଇରାତରୁ ଓଭର ଲୋଡିଂ ବାଲି ଗଲେ ତାଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳ ସମ୍ପଦ ବିଭାଗକୁ ବିଡିଓ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡାବର ପଞ୍ଚାୟତର ଦେଓପଡ଼ା-ଡାବର ସଂଯୋଗୀକରଣ ରାସ୍ତା, ନନ୍ଦିଗ୍ରାମ-ଦେଓପଡ଼ା ରାସ୍ତାକୁ ସଂଯୋଗୀକରଣ କରିବାକୁ ବାରମ୍ବାର ପ୍ରସ୍ତାବ ଦିଆଯାଉଥିଲେ ମଧ୍ୟ କାର୍ଯ୍ୟକାରୀ ହେଉ ନ ଥିବା ଡାବର ସଭ୍ୟ ସୁବଳ ବେହେରା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍ଜିଏନ୍ଆର୍ଇଜିଏସ୍) ୧ ଲକ୍ଷ ୨୫ ହଜାର ଶ୍ରମ ଦିବସ ସୃଷ୍ଟି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ବର୍ତ୍ତମାନ ୨,୩୦୦ ଶ୍ରମ ଦିବସ ସୃଷ୍ଟି ହୋଇଥିବା ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଜ୍ୟୋତିର୍ମୟ ନାୟକ ସୂଚନା ଦେଇଥିଲେ। ଏମ୍ଜିଏନ୍ଆର୍ଇଜିଏସ୍ରେ କାର୍ଯ୍ୟ କରାଯାଇଥିବା ପ୍ରକଳ୍ପଗୁଡ଼ିକର ବିଲ୍ କରିବାକୁ ପଞ୍ଚାୟତ ପ୍ରତିନିଧିମାନେ କହିଥିଲେ। ବୈଠକରେ ପୂର୍ତ୍ତ ଓ ବନ ବିଭାଗର କୌଣସି ଅଧିକାରୀ ଯୋଗଦେଇ ନ ଥିବାବେଳେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ଓ ତିରୁଣା ପଞ୍ଚାୟତ ସମିତିସଭ୍ୟାଙ୍କ ପରିବର୍ତ୍ତେ ତାଙ୍କ ସ୍ୱାମୀ ଯୋଗଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିପିଓ ଦିନେଶ ରାୟ, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ମମତା ପରିଡା, ଆତ୍ମା କମିଟିର ଅଧ୍ୟକ୍ଷ ବସନ୍ତ ପାଢୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ବିଞ୍ଝାରପୁର ପଞ୍ଚାୟତ ସମିତିର ସାଧାରଣ ବୈଠକ

**ବିଞ୍ଝାରପୁର, ୧୦।୭ (ରାମକୃଷ୍ଣ ଦାସ):**

ବିଞ୍ଝାରପୁର ପଞ୍ଚାୟତ ସମିତିର ୭ମ ସାଧାରଣ ବୈଠକ ବୁଧବାର ପୂର୍ବାହ୍ନରେ ସମିତି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ଅଧକ୍ଷା ରଞ୍ଜିତା କୁମାରୀ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଏମ୍ପି ରବୀନ୍ଦ୍ର ନାରାୟଣ ବେହେରା, ବିଡିଓ ଦିବ୍ୟେନ୍ଦୁ ଦାସ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଖଗେଶ୍ୱର ମହାନ୍ତି, ସଭ୍ୟା ଅହଲ୍ୟା ସ୍ୱାଇଁ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ପିଡିଏସ୍ ଚାଉଳ ଆଣିବାକୁ ୪ କି.ମି.

### ଧାରଣା ଦେଲେ ହିତାଧିକାରୀ

**ରାଜକନିକା, ୧୦।୭ (ସଞ୍ଜୟ କୁମାର ଦାଶ)**

ବୃଦ୍ଧାବୃଦ୍ଧ, ବିଧବା, ଅସହାୟ ହିତାଧିକାରୀଙ୍କ ପାଇଁ ପ୍ରତିମାସରେ ସରକାର ମାଗଣା ଚାଉଳ ଦେବାର ବ୍ୟବସ୍ଥା କରିଛନ୍ତି । ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ ତରାସ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖାଦେଇଥିବା ଅଭିଯୋଗ ଆଣିଛନ୍ତି ହିତାଧିକାରୀ । ଏ ନେଇ ଗତ ଜୁନ ୨୦ତାରିଖ ଦିନ ରାଜକନିକା ବିଡ଼ିଓଙ୍କୁ ଦାବିପତ୍ର ଦେଇଥିଲେ । କୌଣସି ସୁଫଳ ନ ମିଳିବାରୁ ବୁଧବାର ବିଡ଼ିଓଙ୍କୁ ପୁଣିଥରେ ଦାବିପତ୍ର ଦେବା ସହିତ ହିତାଧିକାରୀମାନେ ଧାରଣା ଦେଇଥିଲେ।

ସୂଚନାଯୋଗ୍ୟ, ତରାସ ପଞ୍ଚାୟତର ତରାସ ଗ୍ରାମର ହିତାଧିକାରୀମାନେ ପିଡିଏସ୍ ଚାଉଳ ପାଇଁ ଗାଁଠାରୁ ୪ କି.ମି. ଦୂର ଗୁଆଲିଗାଁକୁ ଯାଉଛନ୍ତି । ଏହା ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନର ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି । ଏତେ ଦୂରରୁ ଯାଇ ଚାଉଳ ଆଣିବାକୁ ହେଲେ ଅନ୍ୟ ଘରେ କାମ କରୁଥିବା ହିତାଧିକାରୀମାନଙ୍କ ମଜୁରୀ ମିଳୁନାହିଁ। ଏହାବାଦ୍ ବୃଦ୍ଧାବୃଦ୍ଧ, ବିଧବା ଅସହାୟମାନେ ଏତେ ଦୂରରୁ ଚାଉଳ ଆଣିବାକୁ ସକ୍ଷମ ହେଉନାହାଁନ୍ତି। ଖରା ବର୍ଷା ଶୀତରେ ଚାଉଳ ଆଣିବା ଚିନ୍ତାର କାରଣ ହୋଇଛି । ଅଧିକାଂଶ ସମୟରେ ଚାଉଳ ଆଣି ନ ପାରି ସେମାନେ ବହୁ ଦୁଃଖକଷ୍ଟରେ ଦିନ କାଟୁଛନ୍ତି। ଏପରି ସମସ୍ୟା ପ୍ରାୟ ୩ଶହ ହିତାଧିକାରୀ ୧ବର୍ଷ ହେବ ଭୋଗୁଛନ୍ତି । ସମସ୍ୟାର ସମାଧାନ ପାଇଁ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଅଭିଯୋଗ ଆଣିଛନ୍ତି ଅନିଲ କୁମାର ମଲିକ, ବସନ୍ତ ନାୟକ, ଦେବପ୍ରସାଦ ନାୟକ, ଅମର କୁମାର ଦଲାଇ, ମଳୟ କୁମାର ନାୟକ, ଗୋଲଖ ଜେନା, ସୂର୍ଯ୍ୟକାନ୍ତ ସାହୁ, ସୁମନ୍ତ କୁମାର ନାୟକ, ତପନ କୁମାର ବେହେରା, ଅଶୋକ ନାଥ, ବିଶ୍ୱଜିତ ବିଶ୍ୱାଳ, ଧନେଶ୍ୱର ନାୟକ । ହିତାଧିକାରୀଙ୍କ ପ୍ରତିବାଦସ୍ଥଳରେ ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ପହଞ୍ଚି ପ୍ରତିବାଦକାରୀଙ୍କୁ ନୈତିକ ସମର୍ଥନ ଜଣାଇଥିଲେ । ବିଡ଼ିଓ ପୃଥୀରାଜ ପରିଡା ଓ ବ୍ଲକ ଯୋଗାଣ ଅଧିକାରୀ ଦେବୀପ୍ରସାଦ ଦାସ ପ୍ରତିବାଦକାରୀଙ୍କୁ ବୁଝାସୁଝା କରିବା ପରେ ଧାରଣା ଦେଇଥିବା ହିତାଧିକାରୀମାନେ ଶାନ୍ତ ପଡିଥିଲେ।



ହିତାଧିକାରୀମାନେ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

## ଭିତରକନିକାରେ ୧୧୪ କୁମ୍ଭୀର ବସା ଚିହ୍ନଟ

### କନିକା ରେଞ୍ଜ ଅଞ୍ଚଳରୁ ୫୪ କୁମ୍ଭୀର ଅଣ୍ଡା ସଂଗ୍ରହ



**ରାଜନଗର, ୧୦।୭ (ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲା ଭିତରକନିକା ଜାତୀୟ ଉଦ୍ୟାନର ନଦୀ, ନାଳରେ ବାସ କରୁଥିବା ବିରଳ ବଉଳା କୁମ୍ଭୀରଙ୍କ ୧୧୪ଟି ବସା ଚିହ୍ନଟ ହୋଇଛି। ଏଥିସହ ଜୁଆର ପାଣି ମାଡି ଯାଇଥିବା କୁମ୍ଭୀର ବସାରୁ ୫୪ଟି ଅଣ୍ଡାରୁ କୃତ୍ରିମ ଉପାୟରେ ଛୁଆ ଫୁଟାଇବା ପାଇଁ ଡାଙ୍ଗମାଳସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ପକ୍ରିୟା ଆରମ୍ଭ ହୋଇଛି।

ପ୍ରତିବର୍ଷ ମେ'୧ ରୁ ଜୁଲାଇ ୩୧ ତାରିଖ ଯାଏ ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ପକ୍ରିୟା ଜାରି ରହିଥାଏ। ମାଆ କୁମ୍ଭୀର ଅଣ୍ଡା ଦେବା ପାଇଁ ନିରାପଦ ସ୍ଥାନ ଖୋଜିଥାଏ। ନାଳ ଠାରୁ ଉଚ୍ଚା ସ୍ଥାନରେ ବସା କରିଥାଏ। ଖରଖରି ପତ୍ର ଓ କାଠି କୁଟାକୁ ସଂଗ୍ରହ କରି ୨ ଫୁଟ ଉଚ୍ଚର ଗଦା କରିଥାଏ। ଗଦା ଉପରେ କୁମ୍ଭୀର ଅଣ୍ଡା ଦେବା ପରେ ତା' ଉପରେ ପୁଣି ଖରଖରି ପତ୍ର ଓ କାଠିକୁଟା ଘୋଡାଇ ଦେଇଥାଏ। ପ୍ରତ୍ୟେକ କୁମ୍ଭୀର ୪୦ରୁ ୬୦ଟି ଅଣ୍ଡା ଦେଇଥାଏ। ଅଣ୍ଡା ଦେବାର ୭୫ ଦିନ ମଧ୍ୟରେ ଛୁଆ ବାହାରିଥାଏ। କୁମ୍ଭୀର ଅଣ୍ଡା ଦେବା ପରେ ବସା ଉପରେ, ବସା ପାଖରେ କିମ୍ବା ୫ରୁ ୧୦ଫୁଟ ଦୂରତା ମଧ୍ୟରେ ବସାକୁ ଜଗି ରହିଥାଏ। ଖାସ ଏହି କାରଣରୁ ବନବିଭାଗ ପକ୍ଷରୁ ପ୍ରତିବର୍ଷ ମେ'୧ରୁ ଜୁଲାଇ ୩୧ ତାରିଖ ଯାଏ ୩ ମାସ ଧରି ଭିତରକନିକାକୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଥାଏ। ଚଳିତ ବର୍ଷ ୧୧୪ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। ଜୁନ୍ ପ୍ରଥମ ସପ୍ତାହରୁ ବନ କର୍ମଚାରୀ ଜଙ୍ଗଲରେ ବୁଲି ବୁଲି କୁମ୍ଭୀର ବସା ଚିହ୍ନଟ କରିବା ସହ ଜିପିଏସ୍ ଲୋକେସେନରେ ଫଟୋ ଉଠାଇଥାଆନ୍ତି।

ଚଳିତ ବର୍ଷ ଚିହ୍ନଟ ହୋଇଥିବା ୧୧୪ଟି କୁମ୍ଭୀର ବସା ମଧ୍ୟରୁ କନିକା ରେଞ୍ଜରେ ୧୦୨ କୁମ୍ଭୀର ବସା ଚିହ୍ନଟ ହୋଇଥିବା ବେଳେ ରାଜନଗର ରେଞ୍ଜରେ ୧୦, ଗହୀରମଥା ରେଞ୍ଜରେ ୧, ମହାକାଳପଡା ରେଞ୍ଜରେ ୧ କୁମ୍ଭୀର ବସା ଚିହ୍ନଟ କରାଯାଇଛି। ଗତବର୍ଷ ୧୨୨ ବସା ମଧ୍ୟରୁ କନିକା ରେଞ୍ଜରେ ୧୦୭ ଓ ରାଜନଗର ରେଞ୍ଜରେ ୧୨, ଗହୀରମଥାରେ ୧ ଓ ମହାକାଳପଡାରେ ଗୋଟିଏ କୁମ୍ଭୀର ବସା ଚିହ୍ନଟ ହୋଇଥିଲା। କନିକା ଓ ରାଜନଗର ରେଞ୍ଜରେ କୁମ୍ଭୀର ବସା ସଂଖ୍ୟା କମିଛି।

## ବିଦ୍ୟୁତ୍କାଟ ପ୍ରତିବାଦରେ କାର୍ଯ୍ୟାଳୟ ଘେରାଉ



**ନାଉଗାଁ, ୧୦।୭ (ସୁଧା ବେହୁରା)**

ନାଉଗାଁ ବ୍ଲକ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ନାଉଗାଁ ଶାଖାର ସଭାପତି ନବକିଶୋର ମହାନ୍ତି ଓ ସମ୍ପାଦକ ସୁବାସ ସ୍ୱାଇଁଙ୍କ ନେତୃତ୍ୱରେ ବିଦ୍ୟୁତ୍ ସମସ୍ୟା ନେଇ ସେକ୍ସନ ଅଧୀକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍କାଟ ବନ୍ଦ କରିବା, ଉପଭୋକ୍ତାମାନଙ୍କ ଫୋନ ରିସିଭ କରିବା, ଟୋଲ ଫ୍ରି ନମ୍ବର ସରଳ କରିବା, ଭଙ୍ଗା ଖୁଣ୍ଟ, ଦଦରା ତାର ଦୁର୍ବଳ ଶଙ୍ଖ ବଦଳରେ ଉନ୍ନତମାନର ସାମଗ୍ରୀ ବ୍ୟବହାର କରିବା, ଅସମାହିତ ବିଦ୍ୟୁତ୍ ବିଲଗୁଡିକ ସମାଧାନ ପାଇଁ ମାସର ନିର୍ଦ୍ଦିଷ୍ଟ ତାରିଖରେ କ୍ୟାମ କୋର୍ଟର ଆୟୋଜନ କରିବା, ଜଗତ୍ସିଂହପୁର କଣ୍ଟାପଡା ଗ୍ରୀଡଠାରୁ ନାଉଗାଁ ଗ୍ରୀଡ ପର୍ଯ୍ୟନ୍ତ ୩୩ କେଭି ଲାଇନକୁ ଉନ୍ନତମାନର ଯନ୍ତ୍ରାଂଶ ବ୍ୟବହାର କରିବା ଆଦି ବିଷୟରେ ଆଲୋଚନା କରାଯିବା ସହ ଦାବିପତ୍ର ଲିଡ ମ୍ୟାନେଜର ଦୀପକ ଭୂଇଁଙ୍କୁ ପ୍ରଦାନ କରାଯାଇଥିଲା। ଯଥାଶୀଘ୍ର ଏକ ୫ ଜଣିଆ କମିଟି ଗଠନ କରାଯାଇ ବିଦ୍ୟୁତ୍ ଉପଭୋକ୍ତାମାନଙ୍କର ଥିବା ସମସ୍ୟା ବିଷୟରେ ଆଲୋଚନା କରାଯିବାର ପ୍ରତିଶ୍ରୁତି ଦେବା ପରେ ଘେରାଉ ସ୍ଥଗିତ ରଖା ଯାଇଥିଲା। ଉକ୍ତ ଦାବିପତ୍ରକୁ ସଂଘ ପକ୍ଷରୁ ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କାଙ୍କୁ ପ୍ରଦାନ କାରଯାଇଥିଲା। ଏଥିରେ ସଂଘ ପକ୍ଷରୁ ବଂଶୀଧର ବେହେରା, ଅଶୋକ ସ୍ୱାଇଁ, ବସନ୍ତ ମଲିକ, କୈଳାସ ପରିଡା, ମହେଶ୍ୱର ଦାସ, ଅରକ୍ଷିତ ସେଠୀ, ପ୍ରଫୁଲ୍ଲ କୁମାର ପରିଡା ଆଦି ଯୋଗ ଦେଇଥିଲେ।

## ଶାସ୍ତ୍ରୀୟ ସଙ୍ଗୀତ ଜଗତକୁ ବାଣୀକଣ୍ଠଙ୍କ ଅବଦାନ ଅବିସ୍ମରଣୀୟ

**ପଟ୍ଟାମୁଣ୍ଡାଇ, ୧୦।୭ (କଳ୍ପତରୁ ନାୟକ)**

ଓଡିଆ ଶାସ୍ତ୍ରୀୟ ସଂଗୀତର ମହାନ ଗାୟକ ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ୧୨୪ତମ ଜୟନ୍ତୀ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ପାୟଲ ମ୍ୟୁଜିକ୍ ସ୍କୁଲର ମିଳିତ ସହଯୋଗରେ ପଟ୍ଟାମୁଣ୍ଡାଇ ପୌରପରିଷଦ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନୀଳମାଧବ ପତିଙ୍କ ପୌରୋହିତରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ତଥା ଓଡିଶା ସଙ୍ଗୀତ ନାଟକ ଏକାଡେମୀର କାର୍ଯ୍ୟନିର୍ବାହୀ ସଭ୍ୟ ପବିତ୍ର ପଟ୍ଟନାୟକ ,ଓଡ଼ିଆ ଭାଷା ଗବେଷକ ଅବସରପ୍ରାପ୍ତ ପ୍ରାଧାପକ ଡ. ଅଜୟ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଣୀକଣ୍ଠଙ୍କ କର୍ମମୟ ଜୀବନ ଓ ସଙ୍ଗୀତ ସାଧନା ଉପରେ ଆଲୋକପାତ କରିବା ସହିତ ଓଡିଆ ଶାସ୍ତ୍ରୀୟ ସଂଗୀତ ଜଗତକୁ ବାଣୀକଣ୍ଠଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ଓଡ଼ିଶାର ଦ୍ୱିତୀୟ ବାଣୀକଣ୍ଠ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀ ସଙ୍ଗୀତ ପରିବେଷଣ ମାଧ୍ୟମରେ ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ସଙ୍ଗୀତକୁ ବିଶ୍ୱଦରବାରରେ ପହଞ୍ଚାଇବାକୁ ନିଜର ପ୍ରୟାସ ଜାରି ରଖିଛନ୍ତି ବୋଲି କହିଥିଲେ । ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ନାତି ତଥା ବିଶିଷ୍ଟ ଆଇନଜ୍ଞ ପ୍ରଣୟ କିଶୋର ହରିଚନ୍ଦନ ଓ ବିଶିଷ୍ଟ ସୁନାମଧନ୍ୟ କବି,ଗୀତିକାର ମୋହିତ ଚକ୍ରବର୍ତ୍ତୀ ବାଣୀକଣ୍ଠଙ୍କ ସମ୍ପର୍କରେ ଅଭିଭାଷଣ ରଖିଥିଲେ । ପାୟଲ ମ୍ୟୁଜିକ୍ ସ୍କୁଲର ପ୍ରତିଷ୍ଠାତା, ସମ୍ପାଦକ ଦେବାଶିଷ ସାମଲ ଅତିଥି ପରିଚୟ ପ୍ରଦାନ ସହ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀ, ଯୁବ କଣ୍ଠଶିଳ୍ପୀ ଶିବାନନ୍ଦ ତ୍ରିପାଠୀ ,ଓଡିଶୀ ସଙ୍ଗୀତଗୁରୁ ରବୀନ୍ଦ୍ରନାଥ ମିଶ୍ର, ପାୟଲ ମ୍ୟୁଜିକ୍ ସ୍କୁଲର ସଙ୍ଗୀତଗୁରୁ ଭାସ୍କର ଚନ୍ଦ୍ର ବେହେରା, ତବଲାଗୁରୁ ସୁଶୀଲ କୁମାର ସେନ ଓ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ପ୍ରଦୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିନ ଦ୍ୱିପ୍ରହରରେ ଚୋରି: ଜଣେ ଗିରଫ

**ରଘୁନାଥପୁର, ୧୦।୭ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ଥାନା ରାଢଙ୍ଗ ଗାଁର ମାନସ କୁମାର ଜେନାଙ୍କ ଘରୁ ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ଏକ ଏଲସିଡି ଟିଭି, ଇଲେକ୍ଟ୍ରିକଟର ମେସିନ ଓ ଆଇଫୋନ ଚୋରି କରି ନେଇଛନ୍ତି। ମାନସଙ୍କ ଅଭିଯୋଗକ୍ରମେ ପୋଲିସ କେସ୍ ନଂ. ୧୬୮/୨୪ରେ ଜଗତ୍ସିଂହପୁର ଥାନା ଅୟର ପଞ୍ଚାୟତ କାକୁଡିଖଣ୍ଡିଆ ଗାଁର ସୋମନାଥ ମଲ୍ଲିକ ଓରଫ ମୁନୁ (୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ସମସ୍ତ ସାମଗ୍ରୀ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ଦୁର୍ବୃତ୍ତ ଫେରାର ଥିବା ଏସ୍ଆଇ ଯୋଗେଶ୍ୱର ବେହେରା କହିଛନ୍ତି। ଅଭିଯୁକ୍ତ ମୁନୁ ସ୍ଥାନୀୟ ଅଞ୍ଚଳରେ ଟେଣ୍ଟ କାମ କରନ୍ତି। ୮ ତାରିଖ ଖରାବେଳେ ମାନସଙ୍କ ପରିବାର ଲୋକେ ଘରେ ବିଶ୍ରାମ ନେଉଥିବାବେଳେ ଦୁର୍ବୃତ୍ତମାନେ ଡାଇନିଂରେ ଥିବା ଏଲସିଡି ଟିଭି ଓ ଆଇଫୋନକୁ ନେଇଯାଇଥିଲେ। ଦୁର୍ବୃତ୍ତମାନେ ଟିଭିଟିକୁ ଏକ ପୋଖରୀ ବନ୍ଧରେ ଲୁଚାଇ ଦେଇଥିଲେ। ରାତିରେ ସେମାନେ ଟିଭିଟିକୁ ସ୍ଥାନାନ୍ତର କରିଥାନ୍ତେ। ଦୁର୍ବୃତ୍ତମାନେ ସେଠାରୁ ଯାଇ ସ୍ଥାନୀୟ ଜିରା ଗ୍ରାମର ଜଣେ ବ୍ୟକ୍ତିଙ୍କ ସାଇକେଲ ଚୋରି କରୁଥିବାବେଳେ ଲୋକେ ମୁନୁଙ୍କୁ ଧରିଥିଲେ। ତାଙ୍କୁ ଧମକ ଦେବାରେ ସେ ରାଢଙ୍ଗ ଗାଁରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ଖବରପାଇ ଏସ୍ଆଇ ବେହେରା, ତଦନ୍ତକାରୀ ଅଧିକାରୀ ରିତାଞ୍ଜଳୀ ନାୟକ ପହଞ୍ଚି ମୁନୁଙ୍କୁ ଧରିଥିଲେ।

## ଚାଷୀଙ୍କ କଷ୍ଟ ଅର୍ଜିତ ଧାନ ମିଲର କାଟି ନ ନେଉ

### ଜଗତ୍ସିଂହପୁର ନିୟନ୍ତ୍ରିତ ବଜାର କମିଟି

### ମାର୍କଣ୍ଡପୁରରେ ବହୁମୁଖୀ ଗୋଦାମ ଗୃହର ଶୁଭାରମ୍ଭ

**ଜଗତ୍ସିଂହପୁର, ୧୦।୭ (ପ୍ରମୋଦ କୁମାର ନାୟକ)**

ବର୍ତ୍ତମାନର ସରକାର ଗରିବଙ୍କ ଆର୍ଥିକ ସ୍ଥିତିରେ କିପରି ଉନ୍ନତି ଆସିପାରିବ ତା' ଉପରେ ଗୁରୁତ୍ୱ ଦେଉଛି। ଏ ପରିସ୍ଥିତିରେ ଗରିବ ଚାଷୀଙ୍କ କଷ୍ଟ ଅର୍ଜିତ ଧାନକୁ ମିଲରମାନେ କାଟି ନ ନିଅନ୍ତୁ। ବରଂ ସରକାରଙ୍କ ପ୍ରୋତ୍ସାହନରେ ସେମାନଙ୍କୁ ଉଚିତ ପାରିଶ୍ରମିକ ମିଳୁ। ଏଥିରେ କୌଣସି ପ୍ରକାର ବାଧା ସୃଷ୍ଟି ହେବା ଉଚିତ ନୁହେଁ। ବୁଧବାର ଜଗତ୍ସିଂହପୁର ନିୟନ୍ତ୍ରିତ ବଜାର କମିଟି ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମାର୍କଣ୍ଡପୁର ସେବା ସମବାୟ ସମିତି ଅନ୍ତର୍ଗତ ସୁଜଙ୍ଗଠାରେ ନୂଆକରି ହୋଇଥିବା ବହୁମୁଖୀ ଗୋଦାମ ଗୃହର ଶୁଭ ଉଦ୍ଘାଟନୀ ଉତ୍ସବରେ ଯୋଗଦେଇ ଜଗତ୍ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ଗୋଦାମ ଗୃହ ପ୍ରତିଷ୍ଠା ଫଳରେ ବହୁ ଚାଷୀ ଉପକୃତ ହୋଇପାରିବେ, ଅର୍ଥାତ୍ ଧାନ ସୁଲଭ ମୂଲ୍ୟରେ ବିକ୍ରି କରିପାରିବେ। ଏଠାରେ ଶୃଙ୍ଖଳିତ ଧାନ ବଣ୍ଟନ ସହ ଖୋଲାରେ ପଡି ନଷ୍ଟ ହୋଇଯାଉଥିବା ଧାନକୁ ସଂରକ୍ଷିତ କରି ରଖାଯାଇପାରିବ। ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଦଳମତ ନିର୍ବିଶେଷରେ ପ୍ରତ୍ୟେକ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଉଦ୍ୟମ ହେବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକଙ୍କ ଉନ୍ନତି ଉପରେ ଆଲୋଚନା ହୋଇଥିଲା। ଯେହେତୁ ଜଗତ୍ସିଂହପୁର ଏକ କୃଷି ଭିତ୍ତିକ ଜିଲା ତେଣୁ ଏହାର ଅର୍ଥନୀତି ବିଶେଷକରି ଚାଷ ଉପରେ ପର୍ଯ୍ୟବେଶିତ। କୃଷି ସମବାୟ ସଂସ୍ଥା ମାଧ୍ୟମରେ କୃଷିର ବିକାଶ ଓ ଯୁବ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଉପରେ ପ୍ରାଥମିକତା ଦିଆଯିବା ଉଚିତ। ନିୟନ୍ତ୍ରିତ ବଜାର କମିଟି ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉପରେ ଆଲୋକପାତ କରାଯାଇଥିଲା। ସାର, ବିହନ ଯୋଗାଣ, ଫସଲ ଅମଳ, ଧାନ କିଣାବିକା ଓ ସଂରକ୍ଷଣ ଆଦି କ୍ଷେତ୍ରରେ ନିୟନ୍ତ୍ରିତ ବଜାର କମିଟିର ସହଯୋଗ ଜରୁରୀ। ସମବାୟ ସମିତି ସହକାରୀ ରେଜିଷ୍ଟ୍ରାର ପ୍ରଭାତ ଚନ୍ଦ୍ର ତ୍ରିପାଠୀ ନୂତନ ଭାବେ ଉଦ୍ଘାଟିତ ଗୋଦାମ ଗୃହକୁ ଚାଷୀମାନଙ୍କ ନିମନ୍ତେ ୱାନ ଷ୍ଟପ ସପ ବୋଲି କହିଥିଲେ। ଯେଉଁଠାରେ ଉତ୍ତମ ଫସଲ ନିମନ୍ତେ ସାର, ବିହନଠାରୁ ଆରମ୍ଭ କରି ଫସଲ ଅମଳ, ଏହାର ସଂରକ୍ଷଣ, ଚାଷୀ ଋଣ ଆଦି ସୁଲଭ ମୂଲ୍ୟର ଉପଲବ୍ଧ କରାଯିବ ବୋଲି କହିଥିଲେ। ଜିଲାରେ ଏବେ ୪୪ଟି ସମବାୟ ସମିତିର ନିଜସ୍ୱ ଗୃହ ନିର୍ମାଣ ପାଇଁ ଚେଷ୍ଟା ଚାଲିଛି। ନିଜସ୍ୱ ଜାଗା ନ ଥିବା ସମିତିଗୁଡିକ ତୁରନ୍ତ ଜମି ଚିହ୍ନଟ ପାଇଁ ମଧ୍ୟ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଜିଲାରେ ମୋଟ ୧୧୪ଟି ସମବାୟ ସମତି କାର୍ଯ୍ୟକାରୀ ଥିବାବେଳେ ପ୍ରତ୍ୟେକ ନିଜସ୍ୱ ଗୃହ ଓ ଗୋଦାମ ଗୃହ ହୋଇପାରିଲେ ଜିଲାରେ କୃଷି ସ୍ଥିତିରେ ପରିବର୍ତ୍ତନ ଆସିପାରିବ ବୋଲି ତ୍ରିପାଠୀ କହିଥିଲେ। ଏହି ସଭାରେ ଯୋଗଦେଇ ନିୟନ୍ତ୍ରିତ ବଜାର କମିଟି ଉପାଧ୍ୟକ୍ଷ ଦିପ୍ତୀ ଦାସ ଚାଷୀ ଓ ଚାଷର ଉନ୍ନତି ପାଇଁ ପ୍ରତ୍ୟେକଙ୍କ ମିଳିତ ସହଯୋଗ କାମନା କରିଥିଲେ। ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ନିୟନ୍ତ୍ରିତ ବଜାର କମିଟି ସଦସ୍ୟ ଲାଲା ଅନିଲ କୁମାର ରାୟ ଓ ସୁରେଶ କୁମାର ନନ୍ଦ ଯୋଗ ଦେଇଥିଲେ। ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ପ୍ରଦୀପ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ଉପସ୍ଥିତ ଥିଲେ। ଶେଷରେ ଜଗତ୍ସିଂହପୁର ପୌର ପରିଷଦ ପୂର୍ବତନ ଅଧ୍ୟକ୍ଷ ତଥା ନିୟନ୍ତ୍ରିତ ବଜାର କମିଟି ସଦସ୍ୟ ମଧୁସୂଦନ ସାହୁ ଧନ୍ୟବାଦ ଦେଇଥିଲେ।




ଗୋଦାମ ଗୃହ ଶୁଭ ଉଦ୍ଘାଟନ ଅବସରରେ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

# କାଷ୍ଠ, କଂସା ପିତଳ କ୍ଲଷ୍ଟର ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲାନି

ଖଣ୍ଡପଡ଼ା,୧୦।୭(ଅଜୟ କୁମାର ମହାରଣା)

- କାରିଗରଙ୍କ ମଧ୍ୟରେ ଅସନ୍ତୋଷ ତେଜୁଛି
- କେନ୍ଦ୍ର ସରକାରଙ୍କ ଯୋଜନା ପ୍ରତି ଅଣଦେଖା



ନୟାଗଡ଼ ଜିଲା କଣ୍ଟିଲୋଠାରେ ଥିବା କାଷ୍ଠ, କଂସା ପିତଳ କଷ୍ଟର ପ୍ରକଳ୍ପ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ । ଏହାକୁ ନେଇ ଶତାଧିକ କାରିଗରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବି ଏହି ପ୍ରକଳ୍ପକୁ ନେଇ ଯେଉଁ ଆଶା ରଖିଥିଲେ ତାହା ବିଫଳ ହୋଇଛି ବୋଲି କହିଛନ୍ତି । ପ୍ରାୟ ୫କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ପ୍ରକଳ୍ପ ପ୍ରତି କେହି ଧ୍ୟାନ ଦେଉ ନ ଥିବାରୁ କେନ୍ଦ୍ର ସରକାରଙ୍କ ଏହି ଯୋଜନା ପ୍ରତି ଅଣଦେଖା କରାଯାଉଛି ବୋଲି ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ନୂତନ ଜ୍ଞାନ କୌଶଳ ତଥା ପ୍ରଶିକ୍ଷଣ ମାଧ୍ୟମରେ କଂସା ପିତଳ ଏବଂ କାଠ ଖୋଦେଇର ବିଭିନ୍ନ ସୌଖୀନ ସାମଗ୍ରୀ ପ୍ରସ୍ତୁତ ପାଇଁ ନୂତନ ଜ୍ଞାନ କୌଶଳର ଆବଶ୍ୟକତା ରହିଛି । ଏଥିପାଇଁ ନୂତନ ଢାଞ୍ଚାରେ ଉପରୋକ୍ତ ସାମଗ୍ରୀ ଉତ୍ପାଦନ କରିବା ଲକ୍ଷ୍ୟ ନେଇ କଣ୍ଟିଲୋ ପାଣ୍ଡୁସାହୁପାଟଣାସ୍ଥିତ ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତି ଲିଃ ପରିସରରେ କଂସା ପିତଳ ବାସନ ଓ କାଷ୍ଠ ସାମଗ୍ରୀ ଉତ୍ପାଦନ ପ୍ରଶିକ୍ଷଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଏଥିପାଇଁ କେନ୍ଦ୍ର ସରକାରଙ୍କ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା । ପିପିପି ମୋଡରେ ପ୍ରତିଷ୍ଠିତ ଏହି ପ୍ରକଳ୍ପର କାମ ଗତ ୩ବର୍ଷ ହେବ ଶେଷ ହୋଇଛି । ହେଲେ ଆଜି ପର୍ଯ୍ୟନ୍ତ ସେହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ୨୦୨୨ ଏପ୍ରିଲ ୧୯ରେ ମାଇକ୍ରୋ ସ୍ମଲ ମିଡିୟମ ଏଣ୍ଟରପ୍ରାଇସ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏହି ପ୍ରକଳ୍ପରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଉକ୍ତ ପ୍ରକଳ୍ପର ଅଗ୍ରଗତି ଓ ସ୍ଥାପିତ ଯନ୍ତ୍ରାଂଶ ବୁଲି ଦେଖିବା ପରେ ସନ୍ତୋଷ ପ୍ରକାଶ କରିଥିଲେ । ତେବେ କାହିଁକି ଉକ୍ତ ପ୍ରକଳ୍ପର କାର୍ଯ୍ୟକ୍ଷମ ହୋଇନାହିଁ ତା'ର ସମୀକ୍ଷା କରିଥିଲେ । ଏହି କ୍ଲଷ୍ଟର ପ୍ରକଳ୍ପରେ କାରିଗରମାନଙ୍କୁ ପର୍ଯ୍ୟାୟ କ୍ରମେ ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯିବ । ଏହାଦ୍ୱାରା କାରିଗରମାନେ ଆତ୍ମ ନିର୍ଭରଶୀଳ ହେବାର ଲକ୍ଷ୍ୟ ରହିଛି ବୋଲି କହିଥିଲେ । ୨୦୨୨ ରଥଯାତ୍ରା ଅବସରରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ସେହି ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ଏପରି କି ବିଭାଗୀୟ ପ୍ରମୁଖ ସଚିବ ମିଶ୍ର ଆୟୋଜିତ ସଭାରେ ପ୍ରକଳ୍ପର ବିଭିନ୍ନ ସମସ୍ୟା ଓ ସୁପରିଚାଳନା ଉପରେ ଆଲୋଚନା କରିଥିଲେ । ହେଲେ ଉକ୍ତ ପ୍ରକଳ୍ପ ପାଇଁ ରାଜ୍ୟ ବାହାରୁ ଜଣେ ଦକ୍ଷ ମାଷ୍ଟର କ୍ରାଫ୍ଟମ୍ୟାନଙ୍କ ଆବଶ୍ୟକତା ରହିଛି । ମାତ୍ର ସେପରି ଜଣେ ଦକ୍ଷ ମାଷ୍ଟର କ୍ରାଫ୍ଟସମ୍ୟାନର ବ୍ୟବସ୍ଥା ହୋଇପାରୁ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ଦିଗରେ ବାଧକ ସାଜିଛି ବୋଲି ପ୍ରକଳ୍ପ ସ୍ଥାପନ ଦାୟିତ୍ୱରେ ଥିବା ରଘୁନାଥ ପାଠାଗାର ପରିଚାଳନା ନିର୍ଦ୍ଦେଶକ ନିର୍ମଳ ନାୟକ କହିଛନ୍ତି । ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବାରୁ ଏହି ଶିଳ୍ପ ଉପରେ ଉପକୃତ ହେବାର ଆଶା ବାନ୍ଧି ଥିବା ଶତାଧିକ କାରିଗର ଆଶା ଆଶଙ୍କା ମଧ୍ୟରେ ଗତି କରୁଛନ୍ତି ବୋଲି ନିଖିଳ ଉତ୍କଳ କଂସାରୀ ସମାଜ କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, କଷ୍ଟର ସଭାପତି ଦଣ୍ଡପାଣି ସାହୁ ଓ କାରିଗର ତଥା ନୟାଗଡ଼ ଜିଲା ଓଡ଼ିଶା ବିକାଶ ପରିଷଦ(ହସ୍ତଶିଳ୍ପ) ଜେନେରାଲ କାଉନସିଲର ପବିତ୍ର କୁମାର ମହାରଣା କ୍ଷୋଭ ପ୍ରକାଶ କରିଛନ୍ତି । ତେବେ ଉକ୍ତ ପ୍ରକଳ୍ପ ଦାୟିତ୍ୱରେ ଥିବା ପରିଚାଳନା ନିର୍ଦ୍ଦେଶକ ନାୟକଙ୍କ କୋହଳ ମନୋଭାବ ଏବଂ ଉଦାସୀନତା ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାରେ ବାଧକ ସାଜିଥିବା ସାଧାରଣରେ ଅଭିଯୋଗ ହେଉଛି । ତେବେ ଏ ସଂକ୍ରାନ୍ତରେ ନାୟକ କହିଛନ୍ତି, ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ଏକ ଫର୍ନେସର ଆବଶ୍ୟକତା ରହିଛି । ଏଥିପାଇଁ ଆବଶ୍ୟକ ବଜେଟ୍ ନାହିଁ । ସେଥିପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯାଇଛି । ବଜେଟ୍ ମଞ୍ଜୁର ହେଲା ପରେ ଟେଣ୍ଡର କରାଯିବ । ଫର୍ନେସ ଆସିବା ପରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ।

# ବିଧାୟକଙ୍କ ସମୀକ୍ଷା ବୈଠକ



ପ୍ରଶାସନିକ ଅଧିକାରୀଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

ଖଣ୍ଡପଡ଼ା,୧୦।୭(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ବଙ୍ଗଳାରେ ଖଣ୍ଡପଡ଼ା ଓ ଭାପୁର ବ୍ଲକ୍ ପ୍ରଶାସନିକ ଅଧିକାରୀଙ୍କ ସମେତ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ବୁଧବାର ଏକ ସମୀକ୍ଷା ବୈଠକର ଆୟୋଜନ କରିଥିଲେ। ଉକ୍ତ ବୈଠକରେ ବିଭିନ୍ନ ବିଭାଗର କାର୍ଯ୍ୟଶୈଳୀ ଓ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ନୂତନ ପ୍ରକଳ୍ପ ସମ୍ପର୍କରେ ବିଧାୟକ ବିଭାଗୀୟ ଅଧିକାରୀମାନଙ୍କଠାରୁ ପଚାରି ବୁଝିବା ସହ ସମସ୍ତ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ଓ ଭାପୁର ବିଡିଓ ଯଥାକ୍ରମେ ଅଙ୍କୁର ଅଭିଳାଷ ଓ ରିତ ମଲିକ, ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଜଗବନ୍ଧୁ ମିଶ୍ର, ନୟାଗଡ଼ ନିର୍ବାହୀଯନ୍ତ୍ରୀ ସସ୍ମିତା ମୁଣ୍ଡାରୀ, କନିଷ୍ଠଯନ୍ତ୍ରୀ କେଶବ ଚନ୍ଦ୍ର ସୁବୁଦ୍ଧିଙ୍କ ସମେତ ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ପ୍ରତିଭା ମରୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତ ଜେଲ ଗଲେ

## ନଗର କଂଗ୍ରେସ ସଭାପତିଙ୍କୁ ହତ୍ୟା ଉଦ୍ୟମ ମାମଲା

ଦିଗପହଣ୍ଡି,୧୦।୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ନଗର କଂଗ୍ରେସ ସଭାପତି ଦୀପକ କୁମାର ମିଶ୍ରଙ୍କୁ ଆକ୍ରମଣ ଓ ହତ୍ୟା ଉଦ୍ୟମ ମାମଲାରେ ବୁଧବାର ଜଣେ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ ଦିଗପହଣ୍ଡି ସାହାଣୀ ସାହିର ଅମର ଦାସ। ଏ ନେଇ ନଂ.୨୬୮/୨୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗତ ସୋମବାର ଅଭିଯୁକ୍ତ ଅମର ଏବଂ ତାଙ୍କ ସହଯୋଗୀମାନେ ଦିଗପହଣ୍ଡି ଜନତାଲେନ ରାଣୀସାହି ଛକ ନିକଟରେ ଅନ୍ୟ ୨ ଜଣ ନାବାଳକଙ୍କୁ ପିଟୁଥିଲେ। କାଉନସିଲର ଦୀପକ ଗଣ୍ଡଗୋଳ ଛଡାଇବାରୁ ତାଙ୍କୁ ଅମର ଏବଂ ତାଙ୍କ ସହଯୋଗୀମାନେ ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରିଥିଲେ। ଏ ନେଇ ସହରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଦିଗପହଣ୍ଡି ସାହାଣୀ ସାହିର କେତେଜଣ ଯୁବକ ଆତଙ୍କରାଜ ଚଳାଇଥିବାରୁ ବହୁ ଯୁବ କଂଗ୍ରେସ କର୍ମୀ ଏନ୍ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ନେତୃତ୍ୱରେ ଯାଇ ପ୍ରତିବାଦ କରିବା ସହ ଏତଲା ଦେଇଥିଲେ। ମଙ୍ଗଳବାର ସ୍ଥାନୀୟ ଚନ୍ଦ୍ର ଚୁଡେଶ୍ୱର ଶୈବପୀଠରେ ଏକ ସଭା କରି ଉକ୍ତ ଘଟଣାକୁ ତୀବ୍ରନିନ୍ଦା କରିଥିଲେ। ସାହାଣୀ ସାହିର ଅସାମାଜିକ ଯୁବକ ମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଭାରେ ଉପସ୍ଥିତ ଦିଗପହଣ୍ଡି ଆଇଆଇସି ବାବା ଶଙ୍କର ସରାଫଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ସହରର ୧୧ ଟି ୱାର୍ଡ କାଉନସିଲରଙ୍କ ଅଧକ୍ଷତାରେ ୱାର୍ଡ କମିଟି ଗଠନ କରାଯାଇ ଅପରାଧ ଦମନ ପାଇଁ ନାଗରିକ ସୁରକ୍ଷା କମିଟି ଗଠନ ସହ ଏନ୍ଏସି ଅଧକ୍ଷଙ୍କୁ କମିଟି ସଭାପତି ଭାବେ ଚୟନ କରାଯାଇଥିଲା।

# ଶ୍ରୀରଘୁନାଥଜୀଉଙ୍କୁ ଦର୍ଶନ କଲେ ଜଗଦ୍‌ଗୁରୁ ଶ୍ରୀରାମଭଦ୍ରାଚାର୍ଯ୍ୟ

ଓଡ଼ଗାଁ,୧୦।୭(ଆଦର୍ଶ କୁମାର ପଟ୍ଟନାୟକ)



ଶ୍ରୀରଘୁନାଥଜୀଉଙ୍କ ପୀଠରେ ଜଗଦ୍‌ଗୁରୁ ଶ୍ରୀରାମଭଦ୍ରାଚାର୍ଯ୍ୟ।

ଜଗଦଗୁରୁ ଶ୍ରୀରାମଭଦ୍ରାଚାର୍ଯ୍ୟ ବୁଧବାର ସନ୍ଧ୍ୟାରେ ଲଗାତାର ତୃତୀୟ ବର୍ଷ ପାଇଁ ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କୁ ଦର୍ଶନ କରିଛନ୍ତି । ପ୍ରଭୁଙ୍କ ସ୍ୱପ୍ନାଦେଶ ବଳରେ ଜଗଦଗୁରୁ ପ୍ରଥମେ ୨୦୨୨ରେ ଶ୍ରୀଗୁଣ୍ଡିଚାରେ ପୁରୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ଶ୍ରୀରଘୁନାଥଜୀଉଙ୍କୁ ଦର୍ଶନ କରିବାକୁ ଆସିଥିଲେ । ସେ ଜୀବନ ସାରା ଶ୍ରୀରଘୁନାଥଙ୍କୁ ଦର୍ଶନ କରିବାକୁ ଆସିବେ ବୋଲି କହିଥିଲେ । ଗତ ବର୍ଷ ସେ ଅନୁରୁପ ଢଙ୍ଗରେ ଜୁନ୍ ୨୬ରେ ଓଡ଼ଗାଁ ଆସି ଶ୍ରୀରଘୁନାଥଙ୍କୁ ଦର୍ଶନ କରିବା ସହିତ ପୀଠର ମହିମା ସମ୍ପର୍କରେ ବଖାଣି ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ସେହିପରି ସେ ବୁଧବାର ସନ୍ଧ୍ୟାରେ ଓଡ଼ଗାଁରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ନାମ ସଂକୀର୍ତ୍ତନ କରି ତାଙ୍କୁ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ । ପ୍ରଥମେ ଜଗଦଗୁରୁ ଶ୍ରୀଜୀଉଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରି ନାଟ ମଣ୍ଡପକୁ ବିଜେ କରିବା ସହିତ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆର୍ଶୀବଚନ ପ୍ରଦାନ କରିଥିଲେ । ଏହି ସମୟରେ ପୋଲିସ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ପୋଲିସ ଆଇଆଇସି ରଶ୍ମିରଞ୍ଜନ ସାହୁ, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ବରିଷ୍ଠ ପୂଜାପଣ୍ଡା ସୁବେଦାର ବିଜୟ କୁମାର ଦାଶ, ମନ୍ଦିର ପରିଚ୍ଛା,ବଜରଙ୍ଗ ଦଳ ସଭାପତି ସନ୍ତୋଷ କୁମାର ପ୍ରଧାନ, ଓଡ଼ଗାଁ ହିନ୍ଦୁ ସେନା ସଭାପତି ସୁଶାନ୍ତ କୁମାର ସାହୁ, ଖବରଦାତାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ବିଦ୍ୟୁତ୍ ଆଘାତରେ ଠିକା କର୍ମଚାରୀ ମୃତ

ଧରାକୋଟ,୧୦।୭(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ସେକ୍ସନ ଅଧିନ ଡଉଗାଁ ଫିଡର ନିକଟସ୍ଥ ହାତିଖାଲ ବାଉରୀ ସାହିରେ ଖୁଣ୍ଟରେ ଚଢ଼ି କାମ କରୁଥିବା ଜଣେ ଠିକା କର୍ମଚାରୀଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ସେ ହେଲେ ଗୌର ଚନ୍ଦ୍ର ବେହେରା। ଗୌର ଜଣେ ଗ୍ରାହକଙ୍କ ଘରୋଇ ସଂଯୋଗ ତ୍ରୁଟି ସଜାଡିବାକୁ ଖୁଣ୍ଟରେ ଚଢ଼ି ମରାମତି କରୁଥିଲେ। କୌଣସି ପ୍ରକାରେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ଗୁରୁତର ହୋଇ ପଡ଼ିବାରୁ ସହଯୋଗୀମାନେ ତାଙ୍କୁ ତତ୍‌କ୍ଷଣାତ ଆସିକା ମେଡିକାଲକୁ ଆଣିଥିଲେ। ସେଠାରେ ଗୌରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଧରାକୋଟ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାକୁ ନେଇ ବିଦ୍ୟୁତ ଠିକା କର୍ମଚାରୀ ସଂଘ ଏବଂ ଗୌରଙ୍କ ଲୋକଙ୍କ ମଧ୍ୟରେ ଆସିକା ମେଡିକାଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଆସିକା ଥାନାରେ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଧରାକୋଟ ଥାନା ଏସଆଇ ବାଲ୍ମିକୀ ପ୍ରଧାନ, ଏଏସଆଇ ଅଭିମନ୍ୟୁ ପାଣ୍ଡେ, ପାଣ୍ଡିଆ ପଥର ସରପଞ୍ଚ ନୀଳାଞ୍ଚଳ ଗୌଡ଼, ଜିଲା ପରିଷଦ ସଦସ୍ୟ ବି. ମନୋଜ କୁମାର ଦୋରା, ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ଆଦିତ୍ୟ ସାହୁ, ଧରାକୋଟ କନିଷ୍ଠ ଯନ୍ତ୍ରୀ ତୁଷାର ପାଢ଼ୀ, ଠିକା କର୍ମଚାରୀ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କମ୍ପାନୀ ତରଫରୁ ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଅର୍ଥ ପ୍ରଦାନ ସହ ତୁରନ୍ତ ବୀମା ରାଶି ପ୍ରଦାନ ଏବଂ ଅନ୍ୟାନ୍ୟ ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ହତ୍ୟା ନୁହେଁ, ଆତ୍ମହତ୍ୟା କରିଛନ୍ତି ଜାଗୃତି

ଭଞ୍ଜନଗର,୧୦।୭ (ବାବୁଲା ପ୍ରଧାନ)

## ମହିଳାଙ୍କ ମୃତଦେହ ମିଳିବା ମାମଲାର ନୂଆ ମୋଡ଼

ଭଞ୍ଜନଗର ଥାନା ଅନ୍ତର୍ଗତ ବେଣାକୁନ୍ଦା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ମୃତ୍ୟୁବରଣ କରିଥିବା ଜାଗୃତି ଜେନା ମୃତ୍ୟୁ ମାମଲା ବୁଧବାର ନୂଆ ମୋଡ ନେଇଛି। ଜାଗୃତିଙ୍କୁ ହତ୍ୟା ନୁହେଁ, ସେ ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ ୬୩୩/୨୪ରେ ଏକ ମାମଲା ରୁଜୁ କରି ସ୍ୱାମୀ ଶ୍ରୀନିବାସ ଜେନାଙ୍କୁ ଗିରଫ କରି ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଶ୍ରୀନିବାସ ସ୍ତ୍ରୀ ଜାଗୃତିଙ୍କୁ ନିର୍ଯାତନା ଦେବା ଯୋଗୁଁ ସେ ଆତ୍ମହତ୍ୟା କରିଥିବା ଦର୍ଶାଇ ପୋଲିସ ତାଙ୍କୁ ଗିରଫ କରିଛି। ପ୍ରକାଶ ଯେ, ବୁଗୁଡ଼ା ଥାନା ବିଷ୍ଣୁଚକ୍ର ଗ୍ରାମର ତ୍ରିନାଥ ସ୍ୱାଇଁଙ୍କ ଝିଅ ଜାଗୃତି ୨୦୧୭ରେ ବେଣାକୁନ୍ଦାର ଶ୍ରୀନିବାସଙ୍କୁ ବିବାହ କରିଥିଲେ। ବିବାହର କିଛି ମାସ ପରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ କୌଣସି କଥାକୁ ନେଇ ବିବାଦ ଦେଖାଦେଇଥିଲା। ପରବର୍ତ୍ତି ପର୍ଯ୍ୟାୟରେ ତାହା ସମାଧାନ ହୋଇଯାଇଥିଲା। ଗତ ବୁଧବାର ବିଷ୍ଣୁଚକ୍ର ଗ୍ରାମର ଜଣେ ଯୁବକ ବେଣାକୁନ୍ଦା ଗ୍ରାମକୁ ଆସି ଜାଗୃତିଙ୍କ ଘରକୁ ଯାଇଥିଲେ। ଏନେଇ ଗ୍ରାମବାସୀ ଜାଣିବା ପରେ କାହିଁକି ତାଙ୍କ ଘରକୁ ଯାଇଥିଲୁ ବୋଲି ଉକ୍ତ ଯୁବକଙ୍କୁ ପଚାରିଥିଲେ। ଉକ୍ତ ଯୁବକ ଜଣଙ୍କ ସନ୍ତୋଷଜନକ ଉତ୍ତର ଦେଇନପାରି ସେଠାରୁ ଖସିଯାଇଥିଲେ। ଏହିଭଳି ପରିସ୍ଥିତିରେ ଗତକାଲି ଜାଗୃତି ସ୍ୱାମୀଙ୍କୁ ଫୋନ କରି କହିଥିଲେ ମୁଁ ଯାଉଛି ପିଲାମାନଙ୍କ ଦାୟିତ୍ୱ ଲାଗିଲା। ଶ୍ରୀନିବାସଙ୍କ ସନ୍ଦେହ ହେବାରୁ ଘରକୁ ଦୌଡ଼ିଆସି ଦେଖିବା ବେଳକୁ ସ୍ତ୍ରୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ କାଳେ ବଞ୍ଚିଥିବ ଭାବି ଶ୍ରୀନିବାସ ଜାଗୃତିଙ୍କ ଗୋଡ଼କୁ ଟେକିଧରି ପାଟି କରିଥିଲେ। ଗ୍ରାମବାସୀ ପହଞ୍ଚି ରଶିକୁ କାଟି ଜାଗୃତିଙ୍କୁ ତଳକୁ ଓହ୍ଲାଇଥିଲେ। କିନ୍ତୁ ସେତେବେଳକୁ ଜାଗୃତିଙ୍କ ମୃତ୍ୟୁ ଘଟିସାରିଥିଲା। ପରିବାର ଲୋକେ ପୋଲିସ ଏବଂ ଜଗୃତିଙ୍କ ମା' ଘରକୁ ସୂଚନା ଦେଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ତାଙ୍କ ଝିଅଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରଯାଇଛି ବୋଲି ମା' ତୁଳା ସ୍ୱାଇଁ ଥାନାରେ ଅଭିଯୋଗ କରିଥିଲେ। ବୁଧବାର ସାଇଣ୍ଟିଫିକ ଟିମ ଆସି ଘଟଣାର ତଦନ୍ତ କରି ଫେରିଯାଇଛି।

# ବାଘଲଟି ପଞ୍ଚାୟତରେ ଅଭିଯୋଗ ଶୁଣିଲେ ବିଧାୟକ

ବ୍ରହ୍ମପୁର, ୧୦।୭(ସୁବାସ ଚନ୍ଦ୍ର ପାଢ଼ୀ)

ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ମୌଳିକ ସମସ୍ୟା ସହ ବ୍ୟକ୍ତିଗତ ସମସ୍ୟାର ଅଭିଯୋଗ ଶୁଣିଲେ ଦିଗପହଣ୍ଡି ବିଧାୟକ ଡଃ. ସିଦ୍ଧାନ୍ତ ମହାପାତ୍ର । ସେ କୁକୁଡାଖଣ୍ଡି ବ୍ଲକ ବାଘଲଟି ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣାଣି କରିଥିଲେ । ବିଧାୟକ ନିର୍ବାଚନ ପ୍ରଚାର ସମୟରେ ଲୋକଙ୍କ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ପାଳନ କରିଥିବା କହିଛନ୍ତି । ପଞ୍ଚାୟତ ଅଧିନ ୪ରୁ ଉର୍ଦ୍ଧ୍ୱ ଗ୍ରାମର ୩୦୦ ଅଭିଯୋଗ ରହିଥିବା ଜଣାପଡିଛି । ସେଥି ମଧ୍ୟରୁ ବାଘଲଟି, ବଡ଼ କୁସୁମି,ମନହରା, ମଦନମୋହନପୁରୁ, ସାନ କୁସୁମି ଗ୍ରାମର ବହୁ ଚାଷୀ ଜଳାଭାବ କାରଣରୁ ଚାଷ କାର୍ଯ୍ୟ ପ୍ରଭାବିତ ହେଉଥିବା ନେଇ ଅଭିଯୋଗ କରିବା ସହ ସମସ୍ୟାର ସମାଧାନ ଦାବି କରିଥିଲେ। ସେହିପରି ଆବାସ ଯୋଜନା ଗରିବଙ୍କ ଠାରେ ପହଞ୍ଚାଇବାକୁ ସ୍ଥିର କରିଥିଲେ । ଲିଖିତ ସମସ୍ୟା ଗୁଡିକ ଖୁବ ଶୀଘ୍ର ସମାଧାନ ହେବ ବୋଲି ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି।

# ବଳାତ୍କାର ଅଭିଯୋଗ, ଯୁବକ କୋର୍ଟ ଚାଲାଣ

ଗଞ୍ଜାମ,(ବିଦ୍ୟାଧର ସାହୁ)

ଗଞ୍ଜାମ ଥାନା ଅନ୍ତର୍ଗତ କାଇଁଚପୁର ପଞ୍ଚାୟତରେ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ କଲ୍ୟାଣପୁର ଗ୍ରାମର ଡି. ଅଜିତ ରେଡ୍ଡୀ। ଅଜିତ ପଡୋଶୀ ଗ୍ରାମର ଅନ୍ୟ ଜାତିର ଜଣେ ଯୁବତୀଙ୍କ ପ୍ରେମ ସମ୍ପର୍କ ରଖିଥିଲେ। ପରେ ତାଙ୍କ ସହ ଅନୈତିକ ସମ୍ପର୍କ ରଖିବାରୁ ଯୁବତୀ ଅନ୍ତଃସତ୍ତ୍ୱା ହୋଇଥିଲେ। ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ କ୍ରମେ ପୋଲିସ ନଂ.୧୫୯/୨୪ରେ ମାମଲା ରୁଜୁ କରିଥିଲା।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ବ୍ୟବସାୟୀ

ଛତ୍ରପୁର,୧୦।୭ (ଦିଲୀପ ସାମଲ)

କୁଶସ୍ଥଳୀ ଛକଠାରେ ମଙ୍ଗଳବାର ସୁରେନ୍ଦ୍ର ସେନାପତି ନାମକ ଅଳଙ୍କାର ବ୍ୟବସାୟୀଙ୍କ ଠାରୁ ବଡ଼ ଧରଣର ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଘଟଣାର ୨ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇନି। ଫଳରେ ସୁରେନ୍ଦ୍ର ବୁଧବାର ଗଞ୍ଜାମ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଘଟଣା ସମ୍ପର୍କରେ ଏସପିଙ୍କୁ ଭେଟି କହିବା ସହିତ ଅଭିଯୁକ୍ତମାନଙ୍କୁ ଯଥାଶୀଘ୍ର ଗିରଫ କରି ଅଳଙ୍କାରଗୁଡିକ ଫେରାଇବା ନିମନ୍ତେ ଅନୁରୋଧ କରିଛନ୍ତି। ଚମାଖଣ୍ଡି ଥାନା ପୋଲିସ ମାମଲା ରୁଜୁ କରି ଘଟଣାକୁ ଅଧିକ ଗୁରତର ନେଇ ସିସିଟିଭି ଫୁଟେଜକୁ ଯାଞ୍ଚ କରି ତଦନ୍ତ ଜାରି ରଖିଥିବା କହିଛନ୍ତି। ପୁରୁଷୋତ୍ତମପୁର ଅଞ୍ଚଳର ସୁରେନ୍ଦ୍ର ମଙ୍ଗଳବାର ସ୍କୁଟିରେ ରୁପା ୧୫ କେଜି, ସୁନା ୧୫୦ ଗ୍ରାମ ଧରି ଏକ ବ୍ୟାଗରେ ବେପାର କରିବା ପାଇଁ ଘରୁ ବାହାରିଥିଲେ। ନରେନ୍ଦ୍ରପୁର ଗ୍ରାମ ନିକଟସ୍ଥ କୁଶସ୍ଥଳୀ ଛକଠାରେ ଲଟକାଇ ହୋଟେଲରେ ଜଳଖିଆ ଖାଉଥିଲେ। ଦୁଇ ଜଣ ଯୁବକ ଏକ ବାଇକ୍‌ରେ ଆସି ସ୍କୁଟିରେ ହ୍ୟାଣ୍ଡଲରେ ଲାଗିଥିବା ଅଳଙ୍କାର ବ୍ୟାଗଟିକୁ ନେଇ ଫେରାର ହୋଇଯାଇଥିଲେ।

# ଝାଡ଼ାବାନ୍ତିରେ ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ



ଧରାକୋଟ,୧୦।୭(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ସିଙ୍ଗିପୁର ପଞ୍ଚାୟତ ପାଟପୁର ଗ୍ରାମରେ ଝାଡାବାନ୍ତିରେ ୨୦ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଛୋଟ ପିଲା, ଗର୍ଭବତୀ ଓ ସ୍କୁଲ ଛାତ୍ରୀଛାତ୍ର ରହିଛନ୍ତି। ଦୁଇଦିନ ତଳେ ଝାଡାବାନ୍ତିରେ ମାଲୁଣି ଗୌଡ ନାମକ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଗ୍ରାମବାସୀ କହିଛନ୍ତି। ଆକ୍ରାନ୍ତମାନେ ଧରାକୋଟ ଓ ସୋରଡା ମେଡିକାଲକୁ ଯାଇ ଚିକିତ୍ସିତ ହେଉଥିବା ବେଳେ ଗାଁ ଲୋକେ ଭୟରେ ଅଛନ୍ତି। ପ୍ରାୟ ୭/୮ ଦିନ ତଳୁ ଗାଁରେ ଗାଁରେ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ଏବେ ବି ୧୨ ଜଣ ଆକ୍ରାନ୍ତ ଅଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଗର୍ଭବତୀ ରହିଛନ୍ତି । ଦୂଷିତ ପିଇବା ପାଣି ପାଇଁ ଏପରି ହୋଇଥିବା ଲୋକେ କହିଛନ୍ତି। ଧରାକୋଟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଗତ ମଙ୍ଗଳବାର ଓ ବୁଧବାର ଗ୍ରାମକୁ ଯାଇ ଆକ୍ରାନ୍ତଙ୍କୁ ମେଡିକାଲ ପଠାଇବା ସହ ଗ୍ରାମର ପରିମଳ ବ୍ୟବସ୍ଥା ପ୍ରତି ଧ୍ୟାନ ଦେଇଛି । ଗାଁ ଚତୁପାର୍ଶ୍ୱ, ନାଳ ନର୍ଦ୍ଦମା ଆଦିରେ ବ୍ଲିଚିଂ ପକାଇ ଲୋକଙ୍କୁ ସଚେତନ କରି ଔଷଧ ବିତରଣ କରି ସ୍ଥିତିରେ ସୁଧାର ଆଣିବା ପାଇଁ ବ୍ୟବସ୍ଥା କରୁଛି। ଗାଁରେ ଏକ ବଡ଼ ପାଣିଟାଙ୍କି ରହିଥିଲେ ମଧ୍ୟ ସେଥିରୁ ପାନୀୟ ଜଳ ଗ୍ରାମବାସୀଙ୍କୁ ଯୋଗାଇ ଦିଆ ଯାଉନାହିଁ। ତେଣୁ ଗ୍ରାମବାସୀ ଏକ କୂଅରୁ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି। ପୁଣି ସେହି କୂଅ ମୂଳରେ ଗାଁ ସାରା ଲୋକ ଗାଧୋଇଥାନ୍ତି । ତେଣୁ ଅପରିଷ୍କାର କୂଅ ପାଣି ଯୋଗୁ ଝାଡା ବାନ୍ତି ବ୍ୟାପିଥିବା ଅନୁମାନ କରାଯାଉଛି। ପାନୀୟ ଜଳର ନମୁନା ପରୀକ୍ଷା ପାଇଁ ପଠାଯାଇଛି। ବର୍ତ୍ତମାନ ଗ୍ରାମରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ମେଡିକାଲ ଟିମ୍ କହିଛି।

# ଖେଳ ପଡ଼ିଆ ଅଭାବ, କ୍ରୀଡ଼ା ପ୍ରତିଭାଙ୍କୁ ସୁଯୋଗ ମିଳୁନି

ବ୍ରହ୍ମପୁର,୧୦।୭ (ସ୍ୱାଧୀନ ଶେଖର ପାଢ଼ୀ)

## ଶୀତଳ ଭଣ୍ଡାରରେ ସିଟି ହାଇସ୍କୁଲ ପଡ଼ିଆର ଇନ୍‌ଡୋର ଗେମ ହଲ



ଗୋଦାମ ପାଲଟିଛି ଖେଳପଡିଆ।

ଷ୍ଟେଟ ଅଫ ଦ ଆର୍ଟ ଇଣ୍ଡୋର ଗେମ ହଲ ବଦଳରେ ରାସ୍ତା ନିର୍ମାଣ କନଷ୍ଟ୍ରକସନ ଗୋଦାମ ପାଲଟିଛି ବ୍ରହ୍ମପୁର ସିଟି ହାଇସ୍କୁଲ ଖେଳ ପଡିଆ। ସହରର ଗୌରବମୟ ଇତିହାସକୁ ବହନ କରୁଥିବା ଏହି ପଡିଆରେ କ୍ରୀଡା ପ୍ରତିଭାଙ୍କୁ ଅଭ୍ୟାସ ସୁଯୋଗ ମିଳୁନି। କ୍ରୀଡା ପ୍ରତିଭା ଖେଳ ଶିକ୍ଷକ ଓ କ୍ରୀଡା ସରଞ୍ଜାମ ଉପଲବ୍ଧ ଥିଲେ ସୁଦ୍ଧା କାମରେ ଆସୁନି। ନିଜସ୍ୱ ଖେଳ ପଡିଆ ଥିଲେ ବି ବାର୍ଷିକ କ୍ରୀଡା ପାଇଁ ଘରୋଇ ସ୍କୁଲ ଖେଳ ପଡ଼ିଆରେ ନିର୍ଭର କରୁଛନ୍ତି ସ୍କୁଲ କର୍ତ୍ତୃପକ୍ଷ। ୧୯୩୦ରେ ଏହି ସ୍କୁଲ ପ୍ରତିଷ୍ଠା ହୋଇଥିଲା। ସହରର ପ୍ରମୁଖ ସ୍ଥାନରେ ଥିବାରୁ ନିଗମ ଅଂଚଳର ବହୁ ବିଦ୍ୟାର୍ଥୀ ଏଠାରେ ପାଠ ପଢୁଛନ୍ତି। ନିଜସ୍ୱ ଖେଳ ପଡିଆରେ ବିଦ୍ୟାର୍ଥୀ ଖେଳକୁଦ ଅଭ୍ୟାସ କରୁଥିଲେ। କିନ୍ତୁ ୨୦୧୨ରୁ ରକ୍ଷଣା ବେକ୍ଷଣ ଅଭାବରୁ ଏହା ଅଳିଆ ଗଦା ପାଲଟିଥିଲା। ପରେ ପ୍ରେମ ନଗର ଓଡ଼ିଆରପି କାମ ବ୍ୟବହାରରେ ଉକ୍ତ ଖେଳପଡିଆକୁ ବ୍ୟବହାର କରାଯାଉଛି। କ୍ରୀଡ଼ା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ କରିବା ସରକାରଙ୍କ ଲକ୍ଷ୍ୟ ଏଥିଯୋଗୁ ପଥଭ୍ରଷ୍ଟ ହୋଇଛି। ଉକ୍ତ ହାଇସ୍କୁଲ ବିଶ୍ୱ ସ୍ତରରେ ଭଲ ଖେଳାଳି ପ୍ରସ୍ତୁତ କରିବାରେ ନାଁ କରିଛି। ଅଲିମ୍ପିଆନ କେ. ରବି କୁମାର ଏହି ସ୍କୁଲର ଛାତ୍ର । ତଥାପି ସ୍କୁଲରେ କ୍ରୀଡା ଭିତ୍ତିଭୂମିର ବିକାଶ ହୋଇପାରୁ ନାହିଁ। ବିଦ୍ୟାଳୟରେ ଖେଳ ପ୍ରତିଭା ଭରି ରହିଛନ୍ତି। କ୍ରୀଡ଼ାର ବିଭିନ୍ନ ବିଭାଗରେ ବ୍ରହ୍ମପୁର ଓ ଭୁବନେଶ୍ୱର ଛାତ୍ରାବାସରେ ରହି ରାଜ୍ୟସ୍ତରୀୟ କ୍ରୀଡ଼ାରେ ପଦକ ଜିତିଛନ୍ତି ସ୍କୁଲର ଛାତ୍ର। ସ୍କୁଲର ପ୍ରାୟ ୫ ଛାତ୍ର କ୍ରୀଡା ଛାତ୍ରାବାସରେ ରହି ଭରୋତ୍ତଳନ ଓ ବକ୍ସିଂ ଭଳି କ୍ରୀଡା ଅଭ୍ୟାସ କରୁଛନ୍ତି। ସେଥି ମଧ୍ୟରୁ ୨୦୨୩ରେ ସ୍କୁଲର ଶୁଭଙ୍କର ସେଠୀ ୪୫ ରୁ ୫୦ କିଲୋ ବର୍ଗରେ ରାଜ୍ୟ ସ୍ତରରେ ରୌପ୍ୟ ପଦକ ପାଇଥିଲେ। ତୁମ୍ବନାଥ ସେଠୀ ୫୦ ରୁ ୫୫ କିଲୋ ବର୍ଗରେ ବି ରୌପ୍ୟ ପାଇଥିଲେ। ପ୍ରତି ବର୍ଷ ଖେଳ ବିକାଶ ପାଇଁ ୨୫ହଜାର ଟଙ୍କା ସରକାରଙ୍କ ପକ୍ଷରୁ ମିଳୁଥିଲେ ବି ପଡ଼ିଆ ଅଭାବ ଯୋଗୁଁ ତାହା ଖର୍ଚ୍ଚ ହୋଇ ପାରୁନାହିଁ। ବିଦ୍ୟାଳୟରେ ଆଥଲଟିକ୍, ଖୋଖୋ, କବାଡିରେ ଅନେକ ଭଲ ଖେଳାଳି ରହିଛନ୍ତି। ଭିତ୍ତିଭୂମି ଅଭାବରୁ ସେମାନେ ଅଭ୍ୟାସ କରିପାରୁନାହାନ୍ତି। ଭଲ କ୍ରୀଡା ଭିତ୍ତିଭୂମି ମିଳିଲେ ସ୍କୁଲ ବିଦ୍ୟାର୍ଥୀ ଏକ୍ଷେତ୍ରରେ ଜାତୀୟସ୍ତରରେ ପହଞ୍ଚି ପାରିବେ ବୋଲି କହିଛନ୍ତି ସ୍କୁଲର କ୍ରୀଡା ଶିକ୍ଷକ ବିରଞ୍ଜନ ରାଉତ। ଉକ୍ତ ପଡିଆରେ ୨୦୨୨ରେ ୭କୋଟି ଟଙ୍କା ବ୍ୟୟରେ ଏକ ଇଣ୍ଡୋର ହଲ ହେବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ରାସ୍ତା କାମ ଯୋଗୁଁ ୨୦୧୮ରୁ ସ୍କୁଲ ପକ୍ଷରୁ ପଡିଆକୁ ବ୍ୟବହାର କରଯାଉ ନାହିଁ। ବର୍ତ୍ତମାନ ସ୍କୁଲ ପଡ଼ିଆର ଦାୟିତ୍ୱ ଜିଲାପାଳ, ମହାନଗର ନିଗମ କମିଶନର, ବ୍ରହ୍ମପୁର ଏସପି ଓ ଜିଲା ଶିକ୍ଷାଧିକାରୀଙ୍କ ଉପରେ ନ୍ୟସ୍ତ ରହିଛି। ଭଲ ଖେଳ ପଡିଆ ମିଳିଲେ ଖେଳ ପ୍ରତିବାର ବିକାଶ ହେବ ବୋଲି କହିଛନ୍ତି ସ୍କୁଲ ପ୍ରଧାନ ଶିକ୍ଷକ ପନ୍ନଗ ଭୂଷଣ ମାଝୀ।

## ସଂକ୍ଷେପରେ

### ୭ ଦିନରେ ଶମ୍ଭୁ ସୀମା ଖୋଲ

**ହରିୟାଣା ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଚଣ୍ଡିଗଡ଼,୧୦।୭(ପି.ଟି.)

ଅମ୍ବାଲା ନିକଟ ଶମ୍ଭୁ ସୀମାରୁ ବ୍ୟାରିକେଡ୍ ସପ୍ତାହେ ମଧ୍ୟରେ ହଟାଇବାକୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ବୁଧବାର ହରିୟାଣା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍କେଏମ୍) (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା (କେଏମ୍ଏମ୍)ର ଆହ୍ୱାନକ୍ରମେ କୃଷକମାନେ ଗତ ଫେବୃଆରୀରେ 'ଦିଲ୍ଲୀ ଚଲୋ' ଅଭିଯାନରେ ବାହାରିଥିଲେ। ସେମାନଙ୍କୁ ଫେବୃଆରୀ ୧୩ରେ ଶମ୍ଭୁ ସୀମାରେ ରୋକାଯାଇଥିଲା। ଅମ୍ବାଲା-ନୂଆଦିଲ୍ଲୀ ଜାତୀୟ ରାଜପଥରେ ହରିୟାଣା ସରକାର ବ୍ୟାରିକେଡ୍ ନିର୍ମାଣ କରିଥିଲେ। ସେବେଠାରୁ ଚାଷୀମାନେ ସେଠାରେ କ୍ୟାମ୍ପ୍ ପକାଇ ରହିଛନ୍ତି। ରାସ୍ତା ଅବରୋଧ ଓ ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ହାଇକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିଲା। ଏହାର ଶୁଣାଣି କରିବା ଅବସରରେ ଜଷ୍ଟିସ୍ ଜି.ଏସ୍. ସନ୍ଧାୱାଲିଆ ଏବଂ ବିକାଶ ବାହଲଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ସମଲିଙ୍ଗୀ ବିବାହ ରାୟ ସମୀକ୍ଷାରୁ ଓହରିଲେ ଜଷ୍ଟିସ୍ ଖାନ୍ନା

ନୂଆଦିଲ୍ଲୀ,୧୦।୭



ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବା ପାଇଁ ଗତବର୍ଷ ସୁପ୍ରିମକୋର୍ଟ ମନା କରିଦେଇଥିଲେ। ଉକ୍ତ ରାୟର ସମୀକ୍ଷା ପାଇଁ କରାଯାଇଥିବା ଆବେଦନକୁ ବିଚାର କରିବା ପାଇଁ ଗଠିତ ଖଣ୍ଡପୀଠରୁ ସର୍ବବରିଷ୍ଠ ବିଚାରପତି ସଞ୍ଜୀବ ଖାନ୍ନା ବୁଧବାର ଓହରିଯାଇଛନ୍ତି। ସେ ବ୍ୟକ୍ତିଗତ କାରଣରୁ ଶୁଣାଣି ବେଳେ ଉପସ୍ଥିତ ରହିପାରିବେ ନାହିଁ ବୋଲି କହିଛନ୍ତି। ଫଳରେ ସମଲିଙ୍ଗୀ ବିବାହ ସମ୍ପର୍କିତ ପୂର୍ବ ରାୟର ସମୀକ୍ଷା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ସାନି ୫ ଜଣିଆ ପୀଠ ଗଠନ କରିବା ଜରୁରୀ ହୋଇପଡ଼ିଛି। ଖୋଲା ଅଦାଲତରେ ରାୟର ସମୀକ୍ଷା କରିବାକୁ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ମନା କରିଦେଇଥିଲେ।



### ହାରିସ୍ ବାଇଡେନ୍ଙ୍କ 'ଇନ୍ସ୍ୟୁରାନ୍ସ ପଲିସି'

ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଉପରାଷ୍ଟ୍ରପତି କମଳା ହାରିସ୍ଙ୍କ ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇ ତାଙ୍କୁ ଟାର୍ଗେଟ କରିଛନ୍ତି। ଏଥିସହ ସେ ହାରିସ୍ଙ୍କୁ ରାଷ୍ଟ୍ରପତି ଜୋ ବାଇଡେନ୍ଙ୍କ 'ଇନ୍ସ୍ୟୁରାନ୍ସ ପଲିସି' କହି ସମାଲୋଚନା କରିଛନ୍ତି। ଆସନ୍ତା ନଭେମ୍ବର ୫ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପାଇଁ ଶାସକ ଡେମୋକ୍ରାଟିକ୍ ପାର୍ଟି ରାଷ୍ଟ୍ରପତି ବାଇଡେନ୍ଙ୍କ ପରିବର୍ତ୍ତେ ହାରିସ୍ଙ୍କୁ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଥିବାବେଳେ ୭୮ ବର୍ଷୀୟ ଟ୍ରମ୍ପ୍ ଏଭଳି ମନ୍ତବ୍ୟ ଦେଇଛନ୍ତି।



### ଟ୍ରମ୍ପ୍ ଆସିଲେ ଏକଚ୍ଛତ୍ରବାଦ ଫେରିବ

ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ପୁନଃ ରାଷ୍ଟ୍ରପତି ନିର୍ବାଚିତ ହେଲେ ଆମେରିକାକୁ ଏକଚ୍ଛତ୍ରବାଦ ଫେରିବ ବୋଲି ଉପରାଷ୍ଟ୍ରପତି କମଳା ହାରିସ୍ ସମାଲୋଚନା କରିଛନ୍ତି। ଏସୀୟ-ଆମେରିକୀୟ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ଏକ କ୍ୟାମ୍ପେନ୍ରେ ହାରିସ୍ କହିଛନ୍ତି, ଟ୍ରମ୍ପ୍ ଆମ ଗଣତନ୍ତ୍ରକୁ ଏକଚ୍ଛତ୍ରବାଦରେ ପରିଣତ କରିବାକୁ ଚାହାନ୍ତି। ତାଙ୍କ ପରାମର୍ଶଦାତାମାନେ 'ପ୍ରୋଜେକ୍ଟ ୨୦୨୫' ଶୀର୍ଷକ ୯୦୦ ପୃଷ୍ଠା ସମ୍ବଳିତ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିସାରିଛନ୍ତି। ଶିକ୍ଷା ବିଭାଗକୁ ଉଚ୍ଛେଦ, ହେଡ୍ ଷ୍ଟାର୍ଟ କାର୍ଯ୍ୟକ୍ରମକୁ ରଦ୍ଦ ଏବଂ ସାରା ଦେଶରେ ଗର୍ଭ ନିରୋଧକ ସୁବିଧାକୁ ସୀମିତ କରିବା ପାଇଁ ସେମାନେ ଯୋଜନା କରିଥିବା ହାରିସ୍ କହିଛନ୍ତି।



### ଦୌଡ଼ ନିଷ୍ପତ୍ତି ରାଷ୍ଟ୍ରପତି ନେବେ

ରାଷ୍ଟ୍ରପତି ଜୋ ବାଇଡେନ୍ ଆଉ ଥରେ ନିର୍ବାଚନ ଲଢ଼ିବେ କି ନାହିଁ ସେହି ନିଷ୍ପତ୍ତି ତାଙ୍କ ଉପରେ ନିର୍ଭର କରେ ବୋଲି ପୂର୍ବତନ ହାଉସ୍ ସ୍ପିକର ନାନ୍ସି ପେଲୋସି କହିଛନ୍ତି। ପେଲୋସି ଏକ ସାକ୍ଷାତ୍କାରରେ କହିଛନ୍ତି, ହ୍ୱାଇଟ୍ ହାଉସ୍ ଦୌଡ଼ ପାଇଁ ସମୟ କମିବାରେ ଲାଗିଥିବାବେଳେ ଏନେଇ ତୁରନ୍ତ ନିଷ୍ପତ୍ତି ନେବାକୁ ଆମେ ଡେମୋକ୍ରାଟମାନେ ବାଇଡେନ୍ଙ୍କୁ ଉତ୍ସାହିତ କରୁଛୁ। ସେ ଜଣେ ଭଲ ରାଷ୍ଟ୍ରପତି, ଯାହାଙ୍କୁ ହାଉସ୍ ଡେମୋକ୍ରାଟ୍ସ ପସନ୍ଦ କରନ୍ତି ଓ ସମ୍ମାନ ଦିଅନ୍ତି। ଜୁନ୍ ୨୭ରେ ପ୍ରେସିଡେନ୍ସିଆଲ ଡିବେଟ୍ ବେଳେ ୮୧ ବର୍ଷୀୟ ବାଇଡେନ୍ଙ୍କ ପ୍ରଦର୍ଶନ ଡେମୋକ୍ରାଟ୍ସଙ୍କୁ ନିରାଶ କରିଥିବାବେଳେ ସେ ରାଷ୍ଟ୍ରପତି ଦୌଡ଼ରୁ ଓହରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

### ବସ୍-ଟ୍ୟାଙ୍କର ଧକ୍କା: ୧୮ ମୃତ

ଉନ୍ନାଓ,୧୦।୭

ଉତ୍ତରପ୍ରଦେଶର ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ୱେରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୮ ଜଣଙ୍କ ମୃତ୍ୟୁ ଘଟିବା ସହ ୧୯ ଜଣ ଆହତ ହୋଇଛନ୍ତି। ବିହାରର ମୋତିହାରିରୁ ଦିଲ୍ଲୀ ଯାଉଥିବା ଏକ ଡବଲ-ଡେକର ସ୍ଲିପର ବସ୍ କ୍ଷୀର ଟ୍ୟାଙ୍କରକୁ ପଛପଟୁ ଧକ୍କା ଦେଇଥିଲା। ବେହତା ମୁଝାଓ୍ୱର ଥାନା ଅନ୍ତର୍ଗତ ଜୋଜିକୋଟ ଗ୍ରାମ ନିକଟରେ ଭୋର ୫ଟା ବେଳେ ଏହି ଦୁର୍ଘଟଣା ଘଟିଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟ ଯାତ୍ରୀଙ୍କୁ ଆଉ ଏକ ବସ୍ରେ ଦିଲ୍ଲୀ ପଠାଯାଇଛି। ଦୁର୍ଘଟଣାର ତଦନ୍ତ ଚାଲିଥିବା ଜିଲାପାଳ ଗୌରାଙ୍ଗ ରାଠି କହିଛନ୍ତି।

### ୧୪ ଉତ୍ପାଦର ବିଜ୍ଞାପନ ପ୍ରତ୍ୟାହାର ନେଇ ସତ୍ୟପାଠ ଦାଖଲ କର

**ପତଞ୍ଜଳିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୧୦।୭

ଯୋଗଗୁରୁ ରାମଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ପତଞ୍ଜଳି ଆୟୁର୍ବେଦ ଲିଃର ୧୪ଟି ଉତ୍ପାଦକୁ ଉତ୍ତରାଖଣ୍ଡ ରାଜ୍ୟ ଲାଇସେନ୍ସିଂ କର୍ତ୍ତୃପକ୍ଷ ଗତ ଏପ୍ରିଲରେ ୧୫ରେ ସ୍ଥଗିତ ରଖିଥିଲେ। ପରେ ଉଚ୍ଚସ୍ତରୀୟ କମିଟିର ତଦନ୍ତ ଆଧାରରେ ଉକ୍ତ କର୍ତ୍ତୃପକ୍ଷ ପତଞ୍ଜଳିର ୧୪ ଉତ୍ପାଦ ଉପରୁ ସ୍ଥଗିତାଦେଶ ହଟାଇଦେଇଥିବା ସୁପ୍ରିମକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଜଣାଇଥିଲେ। ଉକ୍ତ ପ୍ରଡକ୍ଟଗୁଡ଼ିକର ବିଜ୍ଞାପନ ପ୍ରତ୍ୟାହାର କରାଯାଇଛି କି ନାହିଁ, ତାହା ସତ୍ୟପାଠ ମାଧ୍ୟମରେ ଜଣାଇବା ପାଇଁ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ପତଞ୍ଜଳିକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ହିମା କୋହଲି ଏବଂ ସନ୍ଦିପ୍ ମେହେଟ୍ଟାଙ୍କ ଖଣ୍ଡପୀଠ ଶୁଣାଣି ବେଳେ ପତଞ୍ଜଳିର ମେ' ୧୬ ସତ୍ୟପାଠକୁ ବିଚାରକୁ ନେଇଥିଲେ, ଯାହାକି ଉତ୍ତରପ୍ରଦେଶ ଲାଇସେନ୍ସିଂ କର୍ତ୍ତୃପକ୍ଷଙ୍କ ଏପ୍ରିଲ ୧୫ର ସସ୍ପେନ୍ଶନ ନିର୍ଦ୍ଦେଶ ଆଧାରରେ ୧୪ ଉତ୍ପାଦର ବିକ୍ରି ବନ୍ଦ ଥିବା ଦର୍ଶାଯାଇଥିଲା। ଯାଞ୍ଚ ହୋଇଥିବା ସୋସିଆଲ ମିଡିଆ ଆକାଉଣ୍ଟ ତଥା ହ୍ୟାଣ୍ଡଲଗୁଡ଼ିକରୁ ବିଜ୍ଞାପନ ହଟାଇଦେବା ନିମନ୍ତେ ପଦକ୍ଷେପ ନିଆଯାଉଥିବା ସତ୍ୟପାଠରେ କମ୍ପାନୀ ଦର୍ଶାଇଥିଲା। ତେବେ ସେହିସବୁ ବିଜ୍ଞାପନ ହଟାଯାଇଛି କି ନାହିଁ ସତ୍ୟପାଠ ଜରିଆରେ ଜଣାଇବା ପାଇଁ ଖଣ୍ଡପୀଠ ପତଞ୍ଜଳିକୁ ନିର୍ଦ୍ଦେଶ ଦେଇଛନ୍ତି।

# କାର୍ଯ୍ୟଚାପରେ ଲୋକୋ ପାଇଲଟ୍

### ରେଳମନ୍ତ୍ରୀଙ୍କୁ ପତ୍ର ଲେଖିଲେ ୧୭ ବିରୋଧୀ ଏମ୍ପି

ନୂଆଦିଲ୍ଲୀ,୧୦।୭

ଇଣ୍ଡିଆନ୍ ରେଲୱେରେ ବହୁ ସଂଖ୍ୟକ ଲୋକୋମୋଟିଭ୍ ପାଇଲଟ୍ ପଦବୀ ଖାଲି ପଡ଼ିଛି। ଏଥିଯୋଗୁ ଟ୍ରେନ୍ ଚଳାଉଥିବା ଲୋକୋ ପାଇଲଟ୍ମାନଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଚାପ ପଡ଼ୁଛି। ଫଳରେ ଦେଶରେ ବାରମ୍ବାର ଟ୍ରେନ୍ ଦୁର୍ଘଟଣା ଘଟି ବହୁ ଲୋକଙ୍କ ଜୀବନ ଯାଉଛି। ତେଣୁ ଖାଲି ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ୧୭ ବିରୋଧୀ ଏମ୍ପି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଛନ୍ତି। ତେବେ ବିରୋଧୀ ଦଳଗୁଡ଼ିକ ଲୋକୋ ପାଇଲଟ୍ମାନଙ୍କୁ ନିରୁତ୍ସାହିତ କରିବା ପାଇଁ ମିଥ୍ୟା ପ୍ରଚାର ଚଳାଇଛନ୍ତ ବୋଲି ବୁଧବାର ବୈଷ୍ଣବ ଏକ ସୋସିଆଲ ମିଡିଆ ପୋଷ୍ଟରେ ସମାଲୋଚନା କରିଛନ୍ତି।

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିକଟରେ ନୂଆଦିଲ୍ଲୀ ଷ୍ଟେଶନରେ କେତେଜଣ ଲୋକୋ ପାଇଲଟ୍ଙ୍କୁ ଭେଟିଥିଲେ। ଟ୍ରେନ୍ ଚାଳକମାନେ ଓଭର ଡ୍ୟୁଟି ଯୋଗୁ ସେମାନଙ୍କ ଉପରେ ଅତ୍ୟଧିକ ଚାପ ପଡ଼ୁଥିବା ଏବଂ ସେମାନଙ୍କୁ ପର୍ଯ୍ୟାପ୍ତ ସୁବିଧା ମିଳୁ ନ ଥିବା ବିଷୟ ରାହୁଲଙ୍କୁ ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଅମଳରେ ରାହୁଲ କହିଥିଲେ, ଲୋକୋ ପାଇଲଟ୍ଙ୍କ ଜୀବନ ସମ୍ପୂର୍ଣ୍ଣ ଭାବେ ଲାଇନ୍ଚ୍ୟୁତ ହୋଇଯାଇଛି। ସେମାନଙ୍କୁ ଦିନକୁ ୧୬ ଘଣ୍ଟା କାର୍ଯ୍ୟ କରିବାକୁ ପଡ଼ୁଛି। ଅନେକସ୍ଥଳେ କାର୍ଯ୍ୟର ସୀମା ରହୁନାହିଁ। ଛୁଟି ମିଳୁନାହିଁ। ପରିସ୍ରାଗାର ଭଳି ମୌଳିକ ସୁବିଧାରୁ ମଧ୍ୟ ସେମାନେ ବଞ୍ଚିତ। ଲୋକୋ ପାଇଲଟ୍ମାନେ ଶାରୀରିକ ଓ ମାନସିକ ସ୍ତରେ ଭାଙ୍ଗିପଡ଼ୁଛନ୍ତି। ଏଭଳି ସ୍ଥିତିରେ ଟ୍ରେନ୍ ଚଳାଇବା ଦ୍ୱାରା ସେମାନଙ୍କ ଓ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ବିରୋଧୀ ଇଣ୍ଡିଆ ବ୍ଲକ୍ ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗ ଉଠାଇବ ବୋଲି ରାହୁଲ ଏକ ଭିଡିଓ ପୋଷ୍ଟ କରିଥିଲେ। ଏହାକୁ ନେଇ ବିରୋଧୀ ରେଳମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଅନ୍ୟପକ୍ଷେ ରାହୁଲଙ୍କ ମନ୍ତବ୍ୟକୁ ରେଳମନ୍ତ୍ରୀ ବୈଷ୍ଣବ ଖଣ୍ଡନ କରିଛନ୍ତି। ଏକ୍ସ'ରେ ବୈଷ୍ଣବ ସଫେଇ ଦେଇଛନ୍ତି, ମୋଦି ସରକାର କ୍ଷମତାକୁ ଆସିବା ପରଠୁ ଲୋକୋ ପାଇଲଟ୍ଙ୍କ ସ୍ଥିତିରେ ସୁଧାର ଆସିଛି। ଗତ ଜୁନ୍ରେ ସେମାନଙ୍କ ହାରାହାରି କାର୍ଯ୍ୟ ସମୟ ୮ ଘଣ୍ଟାରୁ କମ୍ ଥିଲା। କେବଳ ଜରୁରୀ ସମୟରେ ସେମାନେ ଅଧିକ ଡ୍ୟୁଟି କରୁଛନ୍ତି। ୩୪,୦୦୦ ରନିଂ ଷ୍ଟାଫ୍ଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ଆହୁରି ୧୮,୦୦୦ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ରେଳ ପରିବାରକୁ ହତୋତ୍ସାହିତ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଏପରି ଅପପ୍ରଚାର କରୁଛନ୍ତି।

ସୂଚନାଯୋଗ୍ୟ, ଜୁନ୍ ୧୭ରେ ପଶ୍ଚିମବଙ୍ଗର ଜଲପାଇଗୁଡ଼ିରେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୦ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏଭଳି ଅନେକ ଦୁର୍ଘଟଣା ଘଟୁଥିଲେ ମଧ୍ୟ ପଦବୀ ପୂରଣ କରାଯାଉ ନ ଥିବାରୁ ଲୋକୋ ପାଇଲଟ୍ ୟୁନିୟନ ଅଲ୍ ଇଣ୍ଡିଆ ଲୋକୋ ରନିଂ ଷ୍ଟାଫ୍ ଆସୋସିଏଶନ୍ (ଏଆଇଏଲ୍ଆର୍ଏସ୍ଏ) ବିରୋଧୀ ଏମ୍ପିମାନଙ୍କୁ ଭେଟିଛନ୍ତି। ରେଳମନ୍ତ୍ରୀଙ୍କୁ ସେମାନଙ୍କ ଦୁର୍ଦ୍ଦଶା ଜଣାଇବାକୁ ଅନୁରୋଧ କରିଛନ୍ତି। ୫ ଏମ୍ପି ପୃଥକ୍ ଭାବେ ଚିଠି ଲେଖିଥିବାବେଳେ ଅନ୍ୟ ୧୨ ଜଣ ମିଳିତ ଭାବେ ଏହି ବିଷୟରେ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଏମ୍ପିମାନଙ୍କ ମଧ୍ୟରେ ଜନ୍ ବ୍ରିଟ୍ଟାସ୍ (ସିପିଆଇଏମ୍), ଜେବି ମାଥେର, କାର୍ତ୍ତି ଚିଦାମ୍ବରମ୍ (କଂଗ୍ରେସ), ଏମ୍. ଶାନ୍ମୁଗମ୍, କାନିମୋଝି, ଥିରୁଚି ଶିବା, ଅରୁଣ ନେହେରୁ (ଡିଏମ୍କେ) ରହିଛନ୍ତି।



### ଟ୍ରେନ୍ ଧକ୍କାରେ ହାତୀ ମୃତ

ସିଲ୍ଚର,୧୦।୭

ଆସାମର ମୋରିଗାଓଁ ଜିଲା ଜାଗିରୋଡ୍ରେ ବୁଧବାର ଭୋର ୪ଟା ୫୨ ମିନିଟ୍ରେ ଟ୍ରେନ୍ ଧକ୍କାରେ ଏକ ହାତୀର ମୃତ୍ୟୁ ଘଟିଛି। ଖାଦ୍ୟ ଅନ୍ୱେଷଣରେ ବୁଲୁଥିବା ହାତୀପଲଠାରୁ ଏହି ବୟସ୍କ ହାତୀଟି ଅଲଗା ହୋଇ ରେଳ ଟ୍ରାକ୍ ଉପରକୁ ଚାଲିଆସିଥିଲା। ତେବେ ଅନ୍ଧାର ହୋଇଥିବାରୁ ଲୋକୋ ପାଇଲଟ୍ ହାତୀକୁ ଦେଖିପାରି ନ ଥିଲେ। ଶେଷ ମୁହୂର୍ତ୍ତରେ ଟ୍ରେନ୍ର ଗତି ନିୟନ୍ତ୍ରଣ କରିବାରେ ସେ ସକ୍ଷମ ହୋଇ ନ ଥିଲେ ବୋଲି ନର୍ଥଇଷ୍ଟ ଫ୍ରଣ୍ଟିୟର୍ ରେଲୱେ (ଏନ୍ଏଫ୍ଆର୍) ପକ୍ଷରୁ କୁହାଯାଇଛି।

# ଏହା ଯୁଦ୍ଧର ସମୟ ନୁହେଁ: ମୋଦି

**ଅଷ୍ଟ୍ରିଆ ଚାନ୍ସେଲରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା**

ଭିଏନା,୧୦।୭(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଅଷ୍ଟ୍ରିଆ ଚାନ୍ସେଲର କାର୍ଲ ନେହମେରଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ନେଇ ଆଲୋଚନା କରିଛନ୍ତି। ଏହି ଅବସରରେ ୟୁକ୍ରେନ୍ ଯୁଦ୍ଧ, ପଶ୍ଚିମ ଏସିଆ ସ୍ଥିତି ସମେତ ବିଶ୍ୱରେ ଲାଗିରହିଥିବା ବିବାଦକୁ ନେଇ ସେମାନେ ଆଲୋଚନା କରିଥିଲେ। ଏହା ଯୁଦ୍ଧର ସମୟ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ମୋଦି ପୁଣିଥରେ ଦୃଢ଼ତାର ସହ କହିଛନ୍ତି। ମସ୍କୋରେ ୨ ଦିନିଆ ଗସ୍ତ ଶେଷ କରିବା ପରେ ମୋଦି ମଙ୍ଗଳବାର ସନ୍ଧ୍ୟାରେ ଅଷ୍ଟ୍ରିଆ ଯାଇଥିଲେ। ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ଭାରତ ଓ ଅଷ୍ଟ୍ରିଆ ନୂଆ ସମ୍ଭାବନାଗୁଡ଼ିକୁ ଚିହ୍ନଟ କରିଛନ୍ତି ଏବଂ ଆଗାମୀ ଦିନରେ ସହଯୋଗ ପାଇଁ ନୀଳନକ୍ସା ପ୍ରସ୍ତୁତ କରୁଥିବା ମୋଦି କହିନ୍ତି। ଯଥାଶୀଘ୍ର ସମ୍ଭବ ଶାନ୍ତି ଓ ସ୍ଥିରତା ପୁନଃସ୍ଥାପନ ନିମନ୍ତେ ଭାରତ ଓ ଅଷ୍ଟ୍ରିଆ ଆଲୋଚନା ଓ କୂଟନୀତି ଉପରେ ଗୁରୁତ୍ୱ ଦିଅନ୍ତି ବୋଲି ମୋଦି ଏବଂ ନେହମେର ମିଳିତ ପ୍ରେସ୍ ବିବୃତିରେ କହିଛନ୍ତି। ଭାରତ ଏକ ପ୍ରଭାବଶାଳୀ ଏବଂ ବିଶ୍ୱସନୀୟ ରାଷ୍ଟ୍ର। ରୁଷିଆ-ୟୁକ୍ରେନ ଶାନ୍ତି ପ୍ରକ୍ରିୟାରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣଠାରୁ ଆହୁରି ଅଧିକ ବୋଲି ନେହମେର କହିଛନ୍ତି।

ଭିତ୍ତିଭୂମି, ଶକ୍ତି, ପ୍ରଯୁକ୍ତି ଏବଂ ଅନ୍ୟାନ୍ୟ ସେକ୍ଟରରେ ଦ୍ୱିପାକ୍ଷିକ ସହଯୋଗର ଆବଶ୍ୟକତା ରହିଥିବା ପ୍ରଧାନମନ୍ତ୍ରୀ କହିବା ସହ ଅଷ୍ଟ୍ରିଆର କମ୍ପାନୀଗୁଡ଼ିକୁ ଭାରତରେ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରଣ କରିଛନ୍ତି। ହଫ୍ବର୍ଗ ପ୍ୟାଲେସ୍ରେ ମୋଦି ଏବଂ ନେହମେର ମିଳିତ ଭାବେ ଅଷ୍ଟ୍ରୀୟ ଓ ଭାରତୀୟ ସିଇଓମାନଙ୍କୁ ସମ୍ବୋଧିତ କରିଥିଲେ।

# ବାନ୍ଧବୀଙ୍କୁ ୪୦ ଥର ଫୋନ୍ କରିଥିଲେ ମିହିର

ମୁମ୍ବାଇ,୧୦।୭

- ୧୬ ଯାଏ ପୋଲିସ ହାଜତକୁ ଗଲେ ଅଭିଯୁକ୍ତ
- ବାପା ରାଜେଶ ଶିବସେନା ଉପନେତା ପଦରୁ ବହିଷ୍କୃତ

ମୁମ୍ବାଇର ବିଏମ୍ଡବ୍ଲ୍ୟୁ ହିଟ୍-ଆଣ୍ଡ-ରନ୍ ମାମଲାର ମୁଖ୍ୟ ଅଭିଯୁକ୍ତ ମିହିର ଶାହାଙ୍କୁ ସ୍ଥାନୀୟ ଅଦାଲତ ଜୁଲାଇ ୧୬ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇ ଦେଇଛନ୍ତି। ବିଏମ୍ଡବ୍ଲ୍ୟୁ ଚଳାଉଥିବା ଅଭିଯୁକ୍ତ ମିହିର ରବିବାର ଏକ ସ୍କୁଟିକୁ ଧକ୍କାଦେବା ପରେ ଡ୍ରାଇଭରଙ୍କ ସହ ବାନ୍ଦ୍ରାର କାଲା ନଗରକୁ ପଳାଇଥିଲେ। ସେଠାରୁ ସେ ତାଙ୍କ ବାନ୍ଧବୀଙ୍କୁ ୪୦ ଥର ଫୋନ୍ କରି କଥା ହୋଇଥିଲେ। ନିଜ ବିଏମ୍ଡବ୍ଲ୍ୟୁ ସେଠାରେ ଛାଡ଼ି ସେ ଅଟୋ ଯୋଗେ ବାନ୍ଧବୀଙ୍କ ଘରକୁ ପଳାଇଥିଲେ। ପ୍ରମାଣ ଲୁଚାଇବା ପାଇଁ ବିଏମ୍ଡବ୍ଲ୍ୟୁର ନମ୍ବର ପ୍ଲେଟ୍ ଖୋଲିନେଇଥିଲେ। ପୋଲିସ ଉକ୍ତ ଯୁବତୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ମିହିରଙ୍କୁ ଧରିବା ପାଇଁ ମୁମ୍ବାଇ ପୋଲିସ ୧୧ଟି ଟିମ୍ ଗଠନ କରିବା ସହ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଥିଲା। ଦୀର୍ଘ ୬୦ ଘଣ୍ଟାର ତନାଘନା ପରେ ପୋଲିସ ମଙ୍ଗଳବାର ତାଙ୍କୁ ଗିରଫ କରିଥିଲା। ସେ ଗତ ୭ ତାରିଖରେ ମୁମ୍ବାଇର ୱର୍ଲି ଅଞ୍ଚଳରେ ସ୍କୁଟି ଆରୋହୀଙ୍କୁ ଧକ୍କାଦେବାରୁ କାବେରୀ ନଖୱା ନାମ୍ନୀ ୪୫ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିବା ସହ ତାଙ୍କ ସ୍ୱାମୀ ଆହତ ହୋଇଥିଲେ।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ତଥା ଶିବସେନା ଅଧ୍ୟକ୍ଷ ଏକନାଥ ଶିନ୍ଦେ ବୁଧବାର ମିହିରଙ୍କ ବାପା ରାଜେଶ ଶାହାଙ୍କୁ ଦଳର ଉପନେତା ପଦରୁ ବହିଷ୍କାର କରିଛନ୍ତି। ହିଟ୍ ଆଣ୍ଡ ରନ୍ ମାମଲାରେ ମିହିର ଗିରଫ ହେବା ପରେ ଦଳ ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିଲା। ହିଟ୍-ଆଣ୍ଡ-ରନ୍ ମାମଲାରେ ଯେଉଁମାନେ ସମ୍ପୃକ୍ତ କାହାକୁ ଛଡ଼ାଯିବ ନାହିଁ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶିନ୍ଦେ କହିଛନ୍ତି। ପୋଲିସ ଗତ ରବିବାର ରାଜେଶ ଏବଂ ତାଙ୍କ ଡ୍ରାଇଭର ରାଜର୍ଷି ସିଂ ବିଦାଓ୍ୱତ୍ଙ୍କୁ ଗିରଫ କରିଥିଲା। ପରେ ରାଜେଶଙ୍କୁ ଜାମିନରେ ଛଡ଼ାଯାଇଥିଲା।

ଦୁର୍ଘଟଣା ଘଟାଇବା ପୂର୍ବରୁ ମିହିର ଶାହା (୨୪) ଶନିବାର ବିଳମ୍ବିତ ରାତିରେ ଜୁହୁ ଅଞ୍ଚଳରେ ଥିବା ଏଭାଇସ୍-ଗ୍ଲୋବାଲ ତାପସ୍ ବାର୍ରେ ମଦ ପିଇବା ସହ ସେଠାରେ କିଛି ଘଣ୍ଟା ବିତାଇଥିଲେ। ଆଇନଗତ ବୟସଠାରୁ କମ୍ ବୟସର ପିଲାଙ୍କୁ ମଦ ବିକିବା ଏବଂ ବେଆଇନ ନିର୍ମାଣ ପାଇଁ ବୁଧବାର ଉକ୍ତ ବାର୍ର କିଛି ଅଂଶକୁ ବୁଲ୍ଡୋଜରରେ ଭାଙ୍ଗିଦିଆଯାଇଛି।

## ଫୁର୍ସତ୍

# ଦ୍ରୁତ ଗତିରେ ବୃଦ୍ଧି ପାଉଛି ଜନସଂଖ୍ୟା

**ଆଜି ବିଶ୍ୱ ଜନସଂଖ୍ୟା ଦିବସ**

ସାରା ବିଶ୍ୱରେ ଦ୍ରୁତଗତିରେ ଜନସଂଖ୍ୟା ବୃଦ୍ଧି ପାଉଥିବାବେଳେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଜୁଲାଇ ୧୧ରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଉଛି। ବିଶେଷକରି ଏହି ଦିନ ଆମକୁ ମନେ ପକାଇ ଦେଉଛି ଯେ, ଜନସଂଖ୍ୟା ନିୟନ୍ତ୍ରଣ ଏବଂ ପରିବାର ଯୋଜନା ଉପର ଗୁରୁତ୍ୱ ଦିଆଯିବା ଆବଶ୍ୟକ।

୨୦୨୩ର ଆକଳନ ଅନୁଯାୟୀ, ଭାରତର ଜନସଂଖ୍ୟା ପ୍ରାୟ ୧୪୨.୮୬ କୋଟି। ଏହି ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ଭାରତ ହେଉଛି ବିଶ୍ୱର ବୃହତ୍ତମ ଏବଂ ଜନବହୁଳ ଦେଶ। ଜନସଂଖ୍ୟା ଦୃଷ୍ଟିରୁ ଏହା ଚାଇନାକୁ ପଛରେ ପକାଇଛି। ଚାଇନାର ବର୍ତ୍ତମାନ ଜନସଂଖ୍ୟା ୧୪୨.୫୭ କୋଟି ଏହି କାରଣରୁ ହୋଇଥିବା ଗୁରୁତର ପରିସ୍ଥିତିକୁ ଧ୍ୟାନରେ ରଖି ବିଶ୍ୱ ଜନସଂଖ୍ୟା ଦିବସ ପ୍ରତିବର୍ଷ ପାଳନ କରାଯାଉଛି। ତେବେ ଏହି ଦିନରେ ଇତିହାସ ଏବଂ ଏହାର ଗୁରୁତ୍ୱ ବିଷୟରେ ଜାଣନ୍ତୁ...



୧୯୮୯ରେ ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ (ୟୁଏନ୍ଡିପି) ଦ୍ୱାରା ବିଶ୍ୱ ଜନସଂଖ୍ୟା ଦିବସ ଆରମ୍ଭ ହୋଇଥିଲା। ୧୯୮୭ ସୁଦ୍ଧା ବିଶ୍ୱର ଜନସଂଖ୍ୟା ପ୍ରାୟ ୫ ବିଲିୟନରେ ପହଞ୍ଚି ସାରିଥିଲା, ଯାହା ବିଷୟରେ ସମସ୍ତ ଦେଶ ଚିନ୍ତିତ ହେବାକୁ ଲାଗିଲେ। ଏହି ଐତିହାସିକ ଘଟଣା ଦ୍ରୁତଗତିରେ ବୃଦ୍ଧି ପାଉଥିବା ଜନସଂଖ୍ୟା ଏବଂ ଏହାର ଆନୁସଙ୍ଗିକ ପ୍ରସଙ୍ଗ ପ୍ରତି ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା। ଏହା ପରେ ମିଳିତ ଜାତିସଂଘ ୧୧ ଜୁଲାଇକୁ ବିଶ୍ୱ ଜନସଂଖ୍ୟା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ସେହିଦିନଠାରୁ ଜୁଲାଇ ୧୧ରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଇଆସୁଅଛି।

### 'ଏନ୍ବିକେ ୧୦୯' ଶୁଟିଂ ବେଳେ ଉର୍ବଶୀ ଆହତ

ହାଇଦ୍ରାବାଦ



ନନ୍ଦାମୁରୀ ବାଲକ୍ରିଷ୍ଣାଙ୍କ ଆଗାମୀ ତେଲୁଗୁ ଚଳଚ୍ଚିତ୍ର ଏନ୍ବିକେ ୧୦୯ର ଶୁଟିଂ ହାଇଦ୍ରାବାଦରେ ଚାଲିଥିବାବେଳେ ଅଭିନେତ୍ରୀ ଉର୍ବଶୀ ରୌତେଲା ଆହତ ହୋଇଛନ୍ତି। ତାଙ୍କୁ ହାଇଦ୍ରାବାଦର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିନେତ୍ରୀଙ୍କ ହାଡ଼ ଭାଙ୍ଗିଥିବା ତାଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ବବି କୋଲ୍ଲିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଭିନେତା ଦୁଲକୁଏର ସଲ୍ମାନ ଏବଂ ପ୍ରକାଶ ରାଜ ମୁଖ୍ୟ ଭୂମିକାରେ ରହିଛନ୍ତି। ଏହି ଚଳଚ୍ଚିତ୍ର ଏବେ ନିର୍ମାଣ ପ୍ରକ୍ରିୟାରେ ରହିଛି। ଉର୍ବଶୀ ସେଥିରେ ଏକ ଜୋର୍ଦାର ଆକ୍ସନ ସେକ୍ୱେନ୍ସର ଶୁଟିଂ କରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କୁ ହସ୍ପିଟାଲରେ ସବୁଠୁ ଭଲ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିବା ତାଙ୍କ ଟିମ୍ ପକ୍ଷରୁ କୁହାଯାଇଛି। ହାଇଦ୍ରାବାଦରେ ଫିଲ୍ମର ତୃତୀୟ ପର୍ଯ୍ୟାୟ ଶୁଟିଂ ଚାଲିଥିଲା।

# ୧୫ ସାଇବର ଠକଙ୍କୁ ଧରିଲା କ୍ରାଇମବ୍ରାଞ୍ଚ

## ନିବେଶ ଆଳରେ କରୁଥିଲେ ବହୁ କୋଟିର ଠକେଇ

### ୨୦ ମୋବାଇଲ, ୪୨ ସିମ୍, ୨୦ ଡେବିଟ୍ କାର୍ଡ ଆଦି ଜବତ

ଭୁବନେଶ୍ୱର,୧୦।୭ (ସତ୍ୟଜିତ୍ ରାଉତ)

ଓଡ଼ିଶା ସମେତ ସାରା ରାଜ୍ୟରେ ସାଇବର ଠକେଇର ଜାଲ ବିଛାଇଥିଲେ। ଟ୍ରେଡିଂ ଓ ନିବେଶ ଆଳରେ ଲୋକଙ୍କଠାରୁ ବହୁ କୋଟି ଟଙ୍କା ଲୁଟି ନେଇଥିଲେ। ଓଡ଼ିଶା କ୍ରାଇମବ୍ରାଞ୍ଚର ସାଇବର ୟୁନିଟ୍ ୩.୪ କୋଟି ଟଙ୍କାର ସାଇବର ଠକେଇ ମାମଲାର ତଦନ୍ତ କରି ଏହି ୧୫ଜଣିଆ ଆନ୍ତଃରାଜ୍ୟ ଗ୍ୟାଙ୍ଗକୁ ଧରିବା ସହ ସେମାନଙ୍କ ର୍ୟାକେଟର ପର୍ଦ୍ଦାଫାଶ କରିଛି। ୨ ମାଷ୍ଟରମାଇଣ୍ଡଙ୍କୁ ଦିଲ୍ଲୀରୁ ଓ ଅନ୍ୟ ୧୩ଜଣଙ୍କୁ ଓଡ଼ିଶାରୁ ଗିରଫ କରିଛି। ମାଷ୍ଟରମାଇଣ୍ଡଦ୍ୱୟ ହେଲେ ତୁଷାର ଶର୍ମା ଓ ଭବେଶ ଠାକୁର ଓରଫ ଅଙ୍କିତ୍ ଓରଫ ଆଲେକ୍ସ। ଅନ୍ୟ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡାର ରଞ୍ଜିତ କୁମାର ବଳ, ବାଲେଶ୍ୱରର ଦିଲୀପ କୁମାର ଲେଙ୍କା, ଗଞ୍ଜାମର ସୁନିଲ ପ୍ରସାଦ, ରାୟଗଡାର ବିଶିକେଶନ ପାଢ଼ୀ ଓରଫ ଶିବ, ଖୋର୍ଦ୍ଧାର କାଳନ୍ଦି ସିଂ, ସୁଧାଂଶୁ ଭୂଷଣ ପଟ୍ଟନାୟକ ଓରଫ ବାପି, ଭୁବନେଶ୍ୱରର ଉଦୟଭାନୁ ଘଡ଼େଇ ଓରଫ ପପୁ, ନୟାଗଡର ଜିତେନ ବରାଡ, ଜଗତ୍ସିଂହପୁରର ଭାରତ ଭୂଷଣ ଚକ୍ର, ଭଦ୍ରକର ବିକାଶ ଚନ୍ଦ୍ର ରାଉତ ଓରଫ ଟୁଟୁ, ଉତ୍ତମ କୁମାର ସାହୁ, ବାଲେଶ୍ୱରର ସତ୍ୟରଞ୍ଜନ ସାହୁ ଓ ଗଞ୍ଜାମର ଅମିତ କୁମାର ରାଉତ। ଅଭିଯୁକ୍ତଙ୍କଠାରୁ ୨୦ଟି ମୋବାଇଲ, ୪୨ଟି ସିମ୍, ୨୦ଟି ଡେବିଟ୍ କାର୍ଡ, ୩ଟି ଚେକ୍ ବୁକ୍, ୩ଟି ପାନ୍ କାର୍ଡ ଓ ୫ଟି ଆଧାର୍ଡ କାର୍ଡ ଜବତ ହୋଇଛି। ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କୁ ସାଇବରଠକମାନେ ଜାଲରେ ଫଶାଇଥିଲେ। ବ୍ୟକ୍ତି ଜଣକ ଗତ ମାର୍ଚ୍ଚ ୨୯ରେ ଫେସ୍‌ବୁକ୍‌ରେ ଏକ ମେସେଜ୍ ପାଇଥିଲେ। ଶେୟାର ଟ୍ରେଡିଂ ଆଦିରେ ବହୁଗୁଣ ଲାଭ ପାଇବା ଆଶାରେ ସେ ଅଜାଣତରେ ଠକଙ୍କ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଗଦେଇଥିଲେ। ଅଭିଯୁକ୍ତଙ୍କ କଥାରେ ପଡି ସେ ବ୍ଲାକଷ୍ଟୋନ୍ ଟ୍ରେଡିଂରେ ଏକ ଟ୍ରେଡିଂ ଆକାଉଣ୍ଟ ଖୋଲିଥିଲେ। ନିବେଶ ପାଇଁ ପ୍ରଥମେ ସେ ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟରୁ ୫ ଲକ୍ଷ ଟଙ୍କା ଟ୍ରାନ୍ସଫର୍ କରିଥିଲେ। ଜୁନ ୧୧ ମଧ୍ୟରେ ସେ ତାଙ୍କ ୫ଟି ଆକାଉଣ୍ଟରୁ ଅଭିଯୁକ୍ତଙ୍କ ବିଭିନ୍ନ ଆକାଉଣ୍ଟକୁ ୩ କୋଟି ୪ ଲକ୍ଷ ଟଙ୍କା ଟ୍ରାନ୍ସଫର୍ କରିଥିଲେ। ତେବେ ଏହାପରେ ମଧ୍ୟ ବହୁବାର ଚେଷ୍ଟା କରି ସେ ଟଙ୍କା ଉଠାଇ ପାରୁ ନ ଥିଲେ। ଟଙ୍କା ଉଠାଣ ପାଇଁ ଅଭିଯୁକ୍ତମାନେ ତାଙ୍କୁ ୨୦ ପ୍ରତିଶତ ମାନେଜମେଣ୍ଟ ଫି' ଆଦି ଦେବାକୁ ଚାପ ପକାଇଥିଲେ। ଏହାପରେ ଠକେଇର ପଡିଥିବା ଜାଣିପାରି ସେ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ କରିଥିଲେ। ଜୁଲାଇ ୯ରେ କ୍ରାଇମବ୍ରାଞ୍ଚର ସାଇବର ଥାନା ପକ୍ଷରୁ ଏସଂକ୍ରାନ୍ତରେ ଏକ ମାମଲା (ନଂ.୩୯/୨୦୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ମାମଲାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ତେବେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।




ଗିରଫ ହୋଇଥିବା ଦୁଇ ମାଷ୍ଟମାଇଣ୍ଡଙ୍କ ସହ ୧୫ ସାଇବର ଠକ।

### ଦେଶବ୍ୟାପୀ ୧୪୩ ସାଇବର ଠକେଇରେ ସମ୍ପୃକ୍ତ

ତଦନ୍ତ ସମୟରେ କ୍ରାଇମବ୍ରାଞ୍ଚ ଟିମ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଆଇ୪ସି)ର ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି) ଯାଞ୍ଚ କରିଥିଲା। ଏହି ସମୟରେ ର୍ୟାକେଟ ସମ୍ପର୍କରେ ଜଣାପଡିଥିଲା। ଅଭିଯୁକ୍ତମାନେ ଦେଶବ୍ୟାପୀ ୧୪୩ ସାଇବର ଠକେଇରେ ସମ୍ପୃକ୍ତ ଥିବାବେଳେ ୪୨ଟି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଟଙ୍କା ଠକେଇ କରିଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି।

### ସୋସିଆଲ ମିଡିଆରେ ସମ୍ପର୍କ ଯୋଡୁଥିଲେ ଠକ

ସାଇବର ଠକମାନେ ସୋସିଆଲ ମିଡିଆ ଜରିଆରେ ସମ୍ପର୍କ ଯୋଡୁଥିଲେ। ଏହାପରେ ଟ୍ରେଡିଂ ଓ ନିବେଶ ପାଇଁ ହ୍ୱାଟ୍‌ସଆପ କିମ୍ବା ଟେଲିଗ୍ରାମ ଗ୍ରୁପ୍‌ରେ ଯୋଗଦେବା ପାଇଁ କହୁଥିଲେ। ଏହାପରେ ସେମାନେ ଲୋକଙ୍କ ଫେକ୍ ଟ୍ରେଡିଂ ଆକାଉଣ୍ଟ ଖୋଲି ଜାଲରେ ଫଶାଉଥିଲେ। ଏପରିକି ଟ୍ରେଡିଂ ପ୍ଲାଟ୍‌ଫର୍ମରେ ନିବେଶକମାନେ ତାଙ୍କ ଟଙ୍କା ଦେଖିପାରୁଥିଲେ ମଧ୍ୟ ତାକୁ ଉଠାଇ ପାରୁ ନ ଥିଲେ। ଟଙ୍କା ଉଠାଣ ବେଳେ ସାଇବର ଠକମାନେ ବିଭିନ୍ନ ଅତିରିକ୍ତ ଦେୟ ମାଗି ଭୁଲାଇଚାଲୁଥିଲେ। ଅଭିଯୁକ୍ତମାନେ ପରେ ଉକ୍ତ ଟଙ୍କାକୁ କ୍ରିପ୍ଟୋ ଆକାଇଣ୍ଟକୁ ଟ୍ରାନ୍ସଫର୍ କରି ନେଇଯାଉଥିଲେ।

# ଖାଇବା ମାଗିବାରୁ ମା'ଙ୍କୁ ଘୋଷାରି ମାରିଲେ ପୁଅ

କାମାକ୍ଷାନଗର, ୧୦।୭(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜୟପୁରାକାଟେଣୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଖାଇବାକୁ ମାଗିବାରୁ ବୃଦ୍ଧା ମା'ଙ୍କୁ ଘୋଷାରି ମାରିଛନ୍ତି ଚାକିରିଆ ପୁଅ। ଗୁରୁତର ଅବସ୍ଥାରେ ମା'ଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି।

ପୋଲିସ କହିଛି, ସମ୍ପୃକ୍ତା ବୃଦ୍ଧାଙ୍କ ବଡ଼ ପୁଅ ଚାକିରି କରିଛନ୍ତି। କିନ୍ତୁ ଦୀର୍ଘଦିନ ହେବ ସେ ନିଜ ବୃଦ୍ଧ ମାତାପିତାଙ୍କୁ ନିର୍ଯାତନା ଦେଇ ଆସୁଛନ୍ତି। ବୁଧବାର ମା' ଖାଇବାକୁ ମାଗିବାରୁ ଚାକିରିଆ ବଡ଼ ପୁଅ ରାଗିଯାଇ ତାଙ୍କୁ ଘୋଷାରି ମାଡ଼ ମାରିଥିଲେ। ସାନ ଭାଇ ବାରଣ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏପରିକି ଟାଙ୍ଗିଆ ଧରି ହାଣିବାକୁ ଗୋଡ଼ାଇ ଥିଲେ। ଫଳରେ ସାନଭାଇ ଘର କବାଟ ଦେଇ ଭିତରେ ରହି ଯାଇଥିଲେ। ପରେ ସେ ପୋଲିସକୁ ଫୋନ ଯୋଗେ ଘଟଣା ବିଷୟରେ ଅବଗତ କରାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଭିତରୁ ସାନଭାଇଙ୍କୁ ଉଦ୍ଧାର କରିଥିଲେ। ଏଥସହ ବୃଦ୍ଧାଙ୍କୁ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସମ୍ପୃକ୍ତା ବୃଦ୍ଧାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏ ନେଇ ଯୋଗାଯୋଗ ସମ୍ଭବ ନ ହେବାରୁ ବୃଦ୍ଧା ମା'ଙ୍କୁ ମାଡ଼ ମାରିଥିବା ପୁଅଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଆଶ୍ରମ ବିଦ୍ୟାଳୟ ଛାତ୍ରୀ ଅନ୍ତଃସତ୍ତ୍ୱା

ନୀଳଗିରି,୧୦।୭ (ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଅଧୀନ ଆଶ୍ରମ ବିଦ୍ୟାଳୟରେ ପଢୁଥିବା ଜଣେ ନବମ ଶ୍ରେଣୀ ଛାତ୍ରୀ(୧୬) ଅନ୍ତଃସତ୍ତ୍ୱା ହୋଇଛନ୍ତି। ଏନେଇ ପୋଲିସ ପାଖରେ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ ପାଇଛି। ଛାତ୍ରୀ ଜଣକ ଅନ୍ତେବାସୀ ଭାବେ ରହି ପାଠ ପଢୁଥିବା ବେଳେ ଗତ ଏପ୍ରିଲ ୨୫ତାରିଖରେ ଛୁଟି ନେଇ ଘରକୁ ଯାଇଥିଲେ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

ଏପ୍ରିଲ ୨୯ତାରିଖରେ ଗ୍ରୀଷ୍ମ ଛୁଟି ପଡ଼ିଥିଲା। ଜୁଲାଇ ୪ତାରିଖରେ ଛାତ୍ରୀ ଜଣକ ବିଦ୍ୟାଳୟ ହଷ୍ଟେଲକୁ ଆସିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ବିଶେଷ କରି ପ୍ରତି ବାଳିକାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପାଇଁ ନିୟମ ଥିବାରୁ ଗତ ୬ ତାରିଖରେ ବିଭାଗ ତରଫରୁ ରହିଥିବା ଏଏନ୍‌ଏମ୍ ଉକ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ବେଳେ ଛାତ୍ରୀ ଜଣକ ଅନ୍ତଃସତ୍ତ୍ୱା ଥିବା ସନ୍ଦେହ କରି ହଷ୍ଟେଲ ମାଟ୍ରନଙ୍କୁ ଅଧିକ ଯାଞ୍ଚ କରିବା ପାଇଁ ପରାମର୍ଶ ଦେଇଥିଲେ। ଘଟଣା ବିଷୟରେ ମାଟ୍ରନ ଜଣକ ପ୍ରଧାନ ଶିକ୍ଷକଙ୍କୁ ଅବଗତ କରିଥିଲେ। ସଙ୍ଗେ ସଙ୍ଗେ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ତରଫରୁ ଛାତ୍ରୀଙ୍କ ପରିବାରକୁ ଘଟଣା ବିଷୟରେ ଜଣାଇବା ପରେ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଥିବା ଜିଲା ମଙ୍ଗଳ ଅଧିକାରିଣୀ ବିଦ୍ୟୁତଲତା ମହାପାତ୍ର ସୂଚନା ଦେଇଛନ୍ତି। ଖବର ପାଇ ଛାତ୍ରୀଙ୍କ ପିତା ଉକ୍ତ ଗ୍ରାମର ଜଣେ ନାବାଳକଙ୍କ ସହିତ ସମ୍ପର୍କ ଥିବା ଥାନାରେ ଅଭିଯୋଗ କରିଥିବା ବେଳେ ଛାତ୍ରୀ ଜଣଙ୍କୁ ସିଡବ୍ଲ୍ୟୁସିଙ୍କୁ ହସ୍ତାନ୍ତର କରାଯାଇଛି।

# ଲାଞ୍ଚ ନେବା ବେଳେ ଧରାପଡ଼ିଲେ ଆର୍‌ଆଇ

ଫୁଲବାଣୀ/ବାଲିଗୁଡ଼ା,୧୦।୭ (ରାକେଶ କୁମାର ରାଉତ/ ସଞ୍ଜୟ କୁମାର ପାଣିଗ୍ରାହୀ)



ଆରଆଇ ଦିଲୀପ କୁମାର ସାହୁ

ଜମି ପଟ୍ଟା ପାଇଁ ଲାଞ୍ଚ ନେଉଥିବା ବେଳେ ବୁଧବାର ବ୍ରହ୍ମପୁର ଭିଜିଲାନ୍ସ ଟିମ ଜାଲରେ ପଡିଛନ୍ତି ଜଣେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)। ସେ ହେଲେ କନ୍ଧମାଳ ଜିଲା କୋଟଗଡ଼ ତହସିଲ ଦୁର୍ଗାପଙ୍ଗା ଅଞ୍ଚଳର ଆର୍‌ଆଇ ଦିଲୀପ କୁମାର ସାହୁ। ତାଙ୍କଠାରୁ ୫ ହଜାର ଟଙ୍କା ଜବତ କରାଯାଇଛି।

ପ୍ରକାଶ ଯେ, ଯୋଡାବାଲି ଗ୍ରାମର ବିପ୍ର ଚରଣ ମଲ୍ଲିକ ନିଜ ଜମିର କିସମ ପରିବର୍ତ୍ତନ କରିବା ପାଇଁ ଆର୍‌ଆଇ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ପଟ୍ଟା ପରିବର୍ତ୍ତନ କରାଇଦେବାକୁ ଆର୍‌ଆଇ ତାଙ୍କୁ ୫ ହଜାର ଟଙ୍କା ମାଗିଥିଲେ। ଏ ନେଇ ବିପ୍ର ବ୍ରହ୍ମପୁର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଏହା ପରେ ବୁଧବାର ସକାଳେ ଭିଜିଲାନ୍ସର ଏକ ଟିମ୍ କୋଟଗଡ଼ରେ ପହଞ୍ଚି ଆର୍‌ଆଇ ଦିଲୀପଙ୍କ ବାସଭବନ ନିକଟରେ ଛକି ରହିଥିଲେ। ବିପ୍ର ଚରଣ ଆରଆଇଙ୍କୁ ଟଙ୍କା ଦେବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ଏ ନେଇ ନଂ.୧୧/୨୪ ଅନୁଯାୟୀ ଭିଜିଲାନ୍ସ ଟିମ୍ ଆର୍‌ଆଇ ଦିଲୀପଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବ୍ରହ୍ମପୁର ସିଜିଏସ୍‌ଟି ଅଫିସରେ ସିବିଆଇ ଚଢ଼ାଉ

## ଟିଡିଏସ୍ ଟଙ୍କା ରିଲିଜ୍ କରିବାକୁ ଲାଞ୍ଚ ନେଇ ଧରାପଡ଼ିଲେ ଅଧୀକ୍ଷକ

ବ୍ରହ୍ମପୁର,୧୦।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅନନ୍ତନଗର ସ୍ଥିତ କେନ୍ଦ୍ରୀୟ ସାମଗ୍ରୀ ଓ ସେବା କର (ସିଜିଏସ୍‌ଟି) ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟରେ ବୁଧବାର ସିବିଆଇ ଚଢ଼ାଉ କରିଛି। ଜଣେ ଠିକାଦାରଙ୍କ ଟିଡିଏସ୍ ଟଙ୍କା ରିଲିଜ କରିବା ପାଇଁ ସିଜିଏସ୍‌ଟି ଅଧୀକ୍ଷକ ମନୋଜ କୁମାର ସୁବୁଦ୍ଧି ୧୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସିବିଆଇ ତାଙ୍କୁ ଧରିଛି। ପରେ ସିବିଆଇ ଟିମ୍ ଅଫିସରେ କାଗଜପତ୍ର ଯାଞ୍ଚ କରିଛି। ତେବେ ତଦନ୍ତ ଜାରି ରହିଥିବାରୁ ସିବିଆଇ ପକ୍ଷରୁ ସବିଶେଷ ସୂଚନା ଦିଆଯାଇନି।

ଠିକାଦାର ଆଶିଷ କୁମାର ପଣ୍ଡା ଟିଡିଏସ୍ ବାବଦରେ ୧ଲକ୍ଷ ୭୭ହଜାର ଟଙ୍କା ପାଇବାର ଥିଲା। ଏଥିପାଇଁ ସିଜିଏସ୍‌ଟିରେ ସେ ଆବେଦନ କରିଥିଲେ। ଏହି ଟଙ୍କା ରିଲିଜ କରିବା ପାଇଁ ସିଜିଏସ୍‌ଟିର ଅଧୀକ୍ଷକ ମନୋଜ ସୁବୁଦ୍ଧି ତାଙ୍କୁ ୨୦ହଜାର ଟଙ୍କା ଲାଞ୍ଚ ମାଗୁଥିଲେ। ଆଶିଷ ଏ ନେଇ ଭୁବନେଶ୍ୱର ସିବିଆଇ ଅଫିସରେ ଅଭିଯୋଗ କରିଥିଲେ। ସିବିଆଇ ଟିମ ଅଧୀକ୍ଷକଙ୍କୁ ଧରିବାକୁ ଯୋଜନା କରିଥିଲା। ଆଶିଷ ବୁଧବାର ମଧ୍ୟାହ୍ନ ୧୨ଟାରେ ୧୫ହଜାର ଟଙ୍କା ନେଇ ଅନନ୍ତନଗର ସ୍ଥିତ ଅଧୀକ୍ଷକଙ୍କ ଅଫିସକୁ ଆସିଥିଲେ। ପୂର୍ବ ଯୋଜନା ମୁତାବକ ସିବିଆଇ ଅଫିସରମାନେ ସେଠାରେ ଛକି ରହିଥିଲେ। ସିଜିଏସଟି ଅଧୀକ୍ଷକ ୧୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ କାବୁ କରିଥିଲେ। ସିବିଆଇ ଟିମରେ ୩ ଡିଏସପିଙ୍କ ସହ ୧୫ ବରିଷ୍ଠ ଅଧିକାରୀ ଥିଲେ। ଅଫିସରେ ସମସ୍ତ କାଗଜପତ୍ର ଓ ସିଜିଏସଟି ଅଧୀକ୍ଷକଙ୍କ ସମ୍ପତ୍ତି ତାଲିକା ଯାଞ୍ଚ କରାଯାଉଥିବା ସୂଚନା ମିଳିଛି।

# ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ଯୋଡ଼ା,୧୦।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାମେବାରୀ ସେକ୍ସନ ବଡ଼ କାଳିମାଟି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ସମ୍ବାରୀ ମୁଣ୍ଡା (୫୫)। ସମ୍ବାରୀ ବୁଧବାର ସକାଳୁ ଘର ସମ୍ମୁଖରେ ଥିବା ଜଙ୍ଗଲକୁ ଶୌଚହେବାକୁ ଯାଇଥିଲେ। ସେଠାରେ ଏକ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତା ତାଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ସମ୍ବାରୀଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ଚମ୍ପୁଆ ରେଞ୍ଜର, ବାମେବାରୀ ପୋଲିସ ଓ ବାମେବାରୀ ଫରେଷ୍ଟ ଅଧିକାରୀ ପହଞ୍ଚି ମୃତଦେହ ଜବତ କରିଥିଲେ। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତ ମହିଳାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଯୁବକଙ୍କୁ ଗୁଳିକରି ହତ୍ୟା

